# ପୁଅ ବାହାଘର ପୂର୍ବଦିନ ବିଦ୍ୟୁତ୍ ଆଘାତରେ ବାପା ମୃତ

**ଧରାକୋଟ,୨୨।୧(ସମିସ):** ରାତି ପାହିଲେ ପୁଅ ବାହାଘର ହୋଇଥାନ୍ତା। ବନ୍ଧୁବାନ୍ଧବଙ୍କ ଉପସ୍ଥିତିରେ ଘର ଉଚ୍ଛୁଳି ପଡୁଥିବାବେଳେ ବିଦ୍ୟୁତ୍ ଆଘାତରେ ଚାଲିଗଲା ବୃଦ୍ଧଙ୍କ ଜୀବନ। ଏପରି ଅଭାବନୀୟ ଘଟଣା ଘଟିଛି ଧରାକୋଟ ଥାନା ଅନ୍ତର୍ଗତ ଜାହାଡ଼ା ଗ୍ରାମରେ। ମୃତକ ହେଲେ ଜାହାଡା ଗୌଡ଼ ସାହିର ମଙ୍ଗୁଲୁ ଗୌଡ଼ (୫୮)।

ପ୍ରକାଶ ଯେ, ଗୁରୁବାର ମଙ୍ଗୁଲୁଙ୍କ ବଡ଼ ପୁଅ ଶିବଶଙ୍କର ବାହାଘର ହୋଇଥାନ୍ତା। ବୁଧବାର ଦିନ ପାଟି ମୋଟର ସୁଇଚ୍ ଟିପିବାକୁ ଯାଇଥିବାବେଳେ ଚାର୍ଜ ହୋଇଥିବାରୁ ଏହା ସଂସ୍ପର୍ଶରେ ଆସି ପଡ଼ିଯାଇଥିଲେ। ପରିବାର ଲୋକେ ଧରାକୋଟ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିବାବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବାପାର ମୃତ୍ୟୁ ପରେ ସବୁକିଛି ଓଲଟ ପାଲଟ ହୋଇଯାଇଛି। ଶିବଶଙ୍କର ଥାନାରେ ଅଭିଯୋଗ ପରେ ପୁଲିସ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ପଠାଇଛି। ଏହି ଘଟଣା ଅଞ୍ଚଳରେ ଶୋକାକୁଳ ପରିସ୍ଥିତି ସୃଷ୍ଟି କରିଛି।

# ୧୦ ମହାପୁରୁଷଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ



**ରମ୍ଭା,୨୨।୧(ସମିସ):** ଗଞ୍ଜାମ ବ୍ଲକ ଖଣ୍ଡଦେଉଳି ସ୍ଥିତ ପିଏମ୍‌ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ୧୦ଜଣ ମହାପୁରୁଷଙ୍କ ପ୍ରତିମୂର୍ତ୍ତି ଉତ୍କଳ ସ୍ୱାଭିମାନ ମଞ୍ଚ ସହଯୋଗରେ ଉନ୍ମୋଚିତ ହୋଇଯାଇଛି। ସ୍କୁଲର ୧୯୯୧ ବ୍ୟାଚ୍ ପିଲାଙ୍କ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ଉତ୍କଳ ସ୍ୱାଭିମାନ ମଞ୍ଚର ସଭାପତି ରାଧାକାନ୍ତ ଦାଶ, ଯୁଗ୍ମ ସମ୍ପାଦକ ବାସୁଦେବ ସାହୁ, ଦକ୍ଷିଣ ଓଡ଼ିଶା ସଂଯୋଜକ ମୃତ୍ୟୁଞ୍ଜୟ ମିଶ୍ର, ହରେକୃଷ୍ଣ ପଣ୍ଡା, ବରିଷ୍ଠ ସଦସ୍ୟ ସୁବାସ ଚନ୍ଦ୍ର ପଣ୍ଡା, ସୂର୍ଯ୍ୟ ନାରାୟଣ ମହାରଣା, ପୂର୍ଣ୍ଣଚନ୍ଦ୍ର ମହାପାତ୍ର ଓ ହରପ୍ରିୟା କର ଯୋଗଦେଇ ମହାପୁରୁଷମାନଙ୍କ ସ୍ମୃତିଚାରଣ କରିଥିଲେ। ପିଲାମାନଙ୍କ ଏତାଦୃଶ୍ୟ କାର୍ଯ୍ୟକୁ ସ୍କୁଲର ପ୍ରାକ୍ତନ ପ୍ରଧାନ ଶିକ୍ଷକ ବିଶ୍ୱମ୍ବର ପଣ୍ଡା ତଥା ସ୍ଥାନୀୟ ଜନ ସାଧାରଣ ପ୍ରଶଂସା କରିଛନ୍ତି।

# ଦୁର୍ଘଟଣାରେ ଜଣେ ମୃତ

**ଧରାକୋଟ,୨୨।୧(ସମିସ):** ଧରାକୋଟ ଥାନା ଅନ୍ତର୍ଗତ ଶରଧାପୁର ନିକଟ ଜାତୀୟ ରାଜପଥ ୫୯ରେ ବାଇକ୍ ଓ ସାଇକେଲ ମୁହାଁମୁହିଁ ଧକ୍କା ହେବା ଫଳରେ ସାଇକଲ ଆରୋହୀଙ୍କ ମୃତ୍ୟୁ ଘଟିଥିବା ବେଳେ ବାଇକ୍ ଆରୋହୀ ଗୁରୁତର ହୋଇଛନ୍ତି। ମୃତକ ହେଲେ ଲକ୍ଷ୍ମୀପୁର ଗ୍ରାମର ବଂଶୀ ଦାସ(୫୭)। ବାଇକ୍ ଆରୋହୀ ଜଣକ ହେଲେ ଡ଼ଉଗାଁର ଟୁକୁନା ନାଇକ। ଉଭୟଙ୍କୁ ପୁଲିସ ଉଦ୍ଧାର କରି ଧରାକୋଟ ମେଡିକାଲରେ ଭର୍ତ୍ତି କରିଥିବା ବେଳେ ଡାକ୍ତର ସେଠାରେ ବଂଶୀଙ୍କୁ ମୃତ ଘୋଷଣା କରିଥିଲେ। ଟୁକୁନା ଗୁରୁତର ଅବସ୍ଥାରେ ଚିକିତ୍ସିତ ହେଉଛନ୍ତି। ଦୁର୍ଘଟଣାଗ୍ରସ୍ତ ବାଇକ୍‌ନଂ(ଓଡି୩୨ଇ-୫୮୨୭) ସହ ସାଇକଲକୁ ପୁଲିସ ଜବତ କରି ତଦନ୍ତ ଜାରି ରଖିଛି।

# କୃଷି ସଚେତନତା ରଥର ଶୁଭାରମ୍ଭ



**କୋଦଳା,୨୨।୧(ସମିସ):** ବେଗୁନିଆପଡ଼ା ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରୁ କୃଷି ସଚେତନତା ରଥର ଶୁଭାରମ୍ଭ ହୋଇଛି। ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦିବ୍ୟ ରଞ୍ଜନ ବିଶ୍ୱାଳ, ଅତିରିକ୍ତ ବିଡ଼ିଓ ନିରଞ୍ଜନ ବେହେରା, ସହକାରୀ କୃଷି ଅଧିକାରୀ ରାମଲାଲ ସାମଦ ପ୍ରମୁଖ ଉପସ୍ଥିତ ରହି ଏହାର ଶୁଭାରମ୍ଭ କରିଛନ୍ତି। ଗୁରୁବାର ଠାରୁ ଏହାର ଶୁଭାରମ୍ଭ ହୋଇଥିବା ବେଳେ ଆସନ୍ତା ୩ ଦିନ ଧରି ବ୍ଲକ ଅନ୍ତର୍ଗତ ବିଭିନ୍ନ ପଞ୍ଚାୟତର ଗ୍ରାମ ଗୁଡିକୁ ପରିକ୍ରମା କରି କୃଷକଙ୍କୁ ସଚେତନ କରାଇବ ଏହି ରଥ। କୃଷି ଓ କୃଷକର ଉନ୍ନତି ପାଇଁ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ବ୍ୟବସ୍ଥା ସମ୍ପର୍କରେ ଏହି ରଥ ପରିକ୍ରମା କରି ଚାଷୀଙ୍କୁ ସଚେତନତା କରାଇବା ସହ ପଥପ୍ରାନ୍ତ ନାଟକ ମାଧ୍ୟମରେ ମଧ୍ୟ ସଚେତନତା କରାଯିବ ବୋଲି ସୂଚନା ମିଳିଛି। ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗୀ ଯୋଜନାରେ ଏବେ ଅଧିକ ସୁଯୋଗ ଏବଂ ଜଳନିଧି ଯୋଜନା ସମ୍ପର୍କରେ ମିଳୁଥିବା ଫାଇଦା ଉପରେ ଗାଁ ଗାଁ ରେ ପରିକ୍ରମା କରି ଲୋକଙ୍କୁ ସଚେତନତା ସୃଷ୍ଟି କରାଯିବ ବୋଲି ସୂଚନା ମିଳିଛି।

# ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

**ବେଲଗୁଣ୍ଠା,୨୨।୧(ସମିସ):** ବେଲଗୁଣ୍ଠା ବ୍ଲକ ଅନ୍ତର୍ଗତ କ୍ଷତ୍ରୀୟବରପୁର ଆଞ୍ଚଳିକ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ତରଫରୁ ସଡକ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ ଅନୁଷ୍ଠାନର ଅଧକ୍ଷା ରୁନିବାଳା ତ୍ରିପାଠୀ। ଗାଙ୍ଗପୁର ଥାନା ଅଧିକାରୀ ବନବିହାରୀ ପ୍ରଧାନଙ୍କ ତତ୍ତ୍ୱାବଧାନରେ ବହୁ ପୁଲିସ୍ କର୍ମଚାରୀଙ୍କ ସମେତ ଅନୁଷ୍ଠାନର ପ୍ରଶାସନିକ ଅଧିକ୍ଷକ ତ୍ରିନାଥ ବେହେରା, ଏନ୍.ଏସ୍.ଏସ୍ ଅଧିକାରୀ ଭବାନୀ ଶଙ୍କର ରାୟ, ଯୁବ ରେଡକ୍ରସ କାଉନସେଲର ସୌମେନ୍ଦୁ ପଣ୍ଡା, ସ୍କାଉଟ ଗାଇଡ ରୋଭର ଲିଡର ପି.ଦପକ ରାଓ, ରେଞ୍ଜର ଲିଡର ଜୟଶ୍ରୀ ସେଠୀ ତଥା ସମସ୍ତ ଷ୍ଟାଫଙ୍କ ସହଯୋଗରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠାନର ରେଡକ୍ରସ୍ କାଉନସିଲର ସୁଶାନ୍ତ କୁମାର ଲେଙ୍କା ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ।

## ଦଳିତ, ଆଦିବାସୀ, ପଛୁଆବର୍ଗଙ୍କୁ ପ୍ରାଥମିକତା ଦାବି

# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ, ଦାବିପତ୍ର

**ଛତ୍ରପୁର,୨୨।୧(ସମିସ):**



ରାଜ୍ୟ ସରକାରଙ୍କ ଦଳିତ, ଆଦିବାସୀ, ପଛୁଆ ବର୍ଗ ଓ ଶ୍ରମିକଙ୍କ ଅଧିକାରକୁ ପ୍ରାଥମିକତା ଦେବା, ବାମସେଫ୍ ଓ ଭାରତ ମୁକ୍ତି ମୋର୍ଚ୍ଚାର ରାଷ୍ଟ୍ରୀୟ ଅଧିବେଶନକୁ ପୁନଃ ସ୍ୱୀକୃତି ପ୍ରଦାନ କରିବା, ପୂର୍ବରୁ ବାତିଲ ହୋଇଥିବା ଅଧିବେଶନ ପାଇଁ ଯଥୋଚିତ କ୍ଷତିପୂରଣ ଦେବା, ଜଙ୍ଗଲ ଜମି ଅଧିକାର ଆଇନକୁ ସଠିକ୍ ଓ ପୂର୍ଣ୍ଣଭାବେ କାର୍ଯ୍ୟକାରୀ କରିବା, ଗଞ୍ଜାମ ଜିଲ୍ଲାର ଆଧାର ଅପରେଟରମାନଙ୍କ ଅଧିକାର ସୁରକ୍ଷା ପ୍ରଦାନ କରିବା ସମେତ ବିଭିନ୍ନ ଦାବି ନେଇ ଗୁରୁବାର ଗଞ୍ଜାମ ଜିଲ୍ଲାର ବିଭିନ୍ନ ଗଣସଂଗଠନ ମୁକ୍ତି ମୋର୍ଚ୍ଚା, ଭିଟା-ମାଟି ସୁରକ୍ଷା ଅଭିଯାନ, ଆଦିବାସୀ ଲୋକ ସଂଗଠନ ଦକ୍ଷିଣାଞ୍ଚଳ ନିକାଶ ମଞ୍ଚ, ଦଳିତ ସହାୟକ ସହାୟକ ପ୍ରତିଷ୍ଠାନ ଏବଂ ଗଞ୍ଜାମ ଜିଲ୍ଲା ଆଧାର ଅପରେଟର ସଂଘର କର୍ମକର୍ତ୍ତା ଆଜି ଛତ୍ରପୁର ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହିତ ଘେରାଉ କରିଛନ୍ତି। ଏହା ସହିତ ଜିଲ୍ଲାପାଳ ଓ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କୁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି।

ସୂଚନାଯୋଗ୍ୟ ଯେ, ପୂର୍ବରୁ ରାଜ୍ୟ ସରକାର ବାମସେଫ୍ ଓ ଭାରତ ମୁକ୍ତି ମୋର୍ଚ୍ଚାର ରାଷ୍ଟ୍ରୀୟ ଅଧିବେଶନକୁ କଟକ ବାଲିଯାତ୍ରା ପଡିଆରେ ଆୟୋଜନ କରିବାକୁ ସ୍ୱୀକୃତି ପ୍ରଦାନ କରିଥିଲେ। କିନ୍ତୁ ଏହି ସଭାରେ ଏକ ଲକ୍ଷରୁ ଅଧିକ ଦଳିତ, ଆଦିବାସୀ ଓ ପଛୁଆ ବର୍ଗର ଲୋକ ଯୋଗଦେବାର ସମ୍ଭାବନା ଥିବା ଜଣାପଡିବା ପରେ, ରାଜ୍ୟ ସରକାର ଅଗଣତାନ୍ତ୍ରିକ ଓ ଅସମ୍ବିଧାନିକ ଭାବରେ କାର୍ଯ୍ୟକ୍ରମ ଆୟୋଜନର କିଛିଦିନ ପୂର୍ବରୁ ଏହାକୁ ବାତିଲ କରିଥିଲେ। ଫଳରେ ଦେଢ଼କୋଟି ଟଙ୍କାରୁ ଅଧିକ ଆର୍ଥିକ କ୍ଷତି ହୋଇଛି। ଏହି କ୍ଷତିପୂରଣ ପ୍ରଦାନ କରିବା ସହ ପୁନଃ ସେହି ସ୍ଥାନରେ ଅଧିବେଶନ ଆୟୋଜନ ପାଇଁ ଜିଲ୍ଲାପାଳଙ୍କ ଜରିଆରେ ରାଷ୍ଟ୍ରପତିଙ୍କୁ ଏକ ସ୍ମାରକ ପତ୍ର ପଠାଯାଇଛି। ଏହାସହ ବେଗୁନିଆପଡା ବ୍ଲକର ଆଦିବାସୀ ମଧୁ ଶବରଙ୍କୁ ଗୋଇଲୁଣ୍ଡି, ବ୍ରହ୍ମପୁରର ସନ ଆଇ କେୟାର କ୍ଲିନିକ ଦ୍ୱାରା କଥିତ ନିଶୁଳ୍କ ଚକ୍ଷୁ ପରୀକ୍ଷା ନାମରେ ପରିବାରର ଅନୁମତି ବିନା ଉଠାଇ ନିଆଯାଇଥିବା ଘଟଣା ବର୍ତ୍ତମାନ ମାନବ ଚାଲାଣ ସନ୍ଦେହକୁ ଜନ୍ମ ଦେଇଛି। ସେହିପରି ଜିଲ୍ଲାରେ କାର୍ଯ୍ୟରତ ଆଧାର ଅପରେଟରମାନେ ବ୍ଲୁମ ସୋଲୁସନ ପ୍ରାଇଭେଟ ଲିଃ ଦ୍ୱାରା ଦରମା ଅଟକ, ଶ୍ରମ ଶୋଷଣ, ମାନସିକ ଉତ୍ପୀଡନ ଓ ଆର୍ଥିକ ଠକେଇର ସମ୍ମୁଖୀନ ହେଉଥିବା ନେଇ ଅଭିଯୋଗ କରିଛନ୍ତି। କାର୍ଯ୍ୟକ୍ରମରେ ସୁମା ଦାସ, ବିଜୟ ସ୍ୱାଇଁ, ମଧୁସୂଦନ ସେଠୀ, ରଜନୀ ଶବର, ସୌରୀ ଶବର, ଶଙ୍କର ଶବର, ରାଜୁ ଶବର, ଜ୍ଞାନ ରଞ୍ଜନ ସାହୁ, ସନ୍ତୋଷ ସାହୁ, ସାଗର କୁମାର ସାହୁ, ପ୍ରମୋଦ ନାୟକ, ପିଣ୍ଟୁ ଦାସ, ଜଗନ୍ନାଥ ପ୍ରଧାନ ସହ ଅନ୍ୟାନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

# ମହାମାୟୀ ମନ୍ଦିର ପରିସର ପାଲଟିଛି ବଜାର



**କବିସୂର୍ଯ୍ୟନଗର,୨୨।୧(ସମିସ):** ଗଞ୍ଜାମ ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ମା' ମହାମାୟୀଙ୍କ ଦର୍ଶନ ଲାଗି ବହୁ ଦୂରଦୂରାନ୍ତରୁ ଭକ୍ତ ଛୁଟି ଆସୁଛନ୍ତି। ପ୍ରତି ଶନିବାର, ମଙ୍ଗଳବାର, ସଂକ୍ରାନ୍ତିରେ ଭକ୍ତଙ୍କ ଭିଡ଼ ଜମୁଛି। ଭିଡ଼ ଏତେ ବଢ଼େ ଯେ ଭକ୍ତଙ୍କ ଲମ୍ବା ଲାଇନ ମନ୍ଦିର ବାହାର ଯାଏ ଲାଗି ରହେ। ତେବେ ଭକ୍ତମାନେ ମନ୍ଦିର ପରିସରରେ ଠିଆ ହେବାକୁ ବି ସମସ୍ୟା ଉପୁଜେ। ଅଭିଯୋଗ ହୁଏ ଯେ, ମନ୍ଦିର ପରିସରରେ ଏକ ଲମ୍ବା ଲାଇନରେ ପ୍ରସାଦ ବିକ୍ରି ହୁଏ। ଏଠାରେ ହିଁ ରୋଷଶାଳ ରହିଛି ଯାହା କି ଭକ୍ତଙ୍କ ପାଇଁ ସମସ୍ୟା ଉପୁଜେ। ଭୋଗ ବି ଚଢ଼ା ଦରରେ ବିକ୍ରି ହୁଏ। ୫୦ ଟଙ୍କାରେ ଭାତ, ଡାଲମା ଓ ଖଟା ମିଳେ। ପ୍ରସାଦକୁ ମନ୍ଦିର ପରିସରରେ ଖାଇବା ଫଳରେ ଅଇଁଠା ଏଣେତେଣେ ପଡ଼େ। ଭକ୍ତ ଚାଲିଲା ବେଳେ ଗୋଡ଼ରେ ପ୍ରସାଦ ମାଡ଼ନ୍ତି।

ଅନ୍ୟପଟେ ଦୁଇଟି ଦୋକାନରେ ମାଙ୍କ ଫୋଟ, ନଡ଼ିଆ, କଦଳୀ, ମାଳି, ଚୁଡ଼ି, ସିନ୍ଦର, ଛିଟ ଆଦି ପୂଜା ସାମଗ୍ରୀ ବିକ୍ରି ହୁଏ। ଭକ୍ତଙ୍କ ସୁବିଧା ଲାଗି ମନ୍ଦିର ପରିସର ବାହାରେ କିମ୍ବା ମନ୍ଦିର ପଛପଟ ଖୋଲା ସ୍ଥାନରେ ବିକ୍ରି ହେଲେ ସୁବିଧା ହୁଅନ୍ତା। ଦୋକାନ ଲିଜ୍ ନ ହୋଇ ଅନାୟସରେ କିଛି ନ୍ୟସ୍ତସ୍ୱାର୍ଥ ଏଠାରେ ନିଜର ଦବଦବା ଦେଖାଇ ବେନିୟମ ଭାବେ ବିକୁଛନ୍ତି। ସାଧାରଣରେ ଲୋକଙ୍କ ଦାବି ଏହା ପ୍ରତିବର୍ଷ ଟେଣ୍ଡର ହେଉ ଓ ମନ୍ଦିର ପଛପଟେ ଭୋଗ, ପୂଜାସାମଗ୍ରୀ ବିକ୍ରି ହେଲେ ଭକ୍ତ ଉପକୃତ ହୁଅନ୍ତେ। ଏନେଇ ମନ୍ଦିର ପରିଚାଳନା ସଭାପତି ବିଜୟ କହଁର କହିଛନ୍ତି, ଭକ୍ତଙ୍କ ସୁବିଧା ପାଇଁ ଦୋକାନ ଗୁଡିକୁ ମନ୍ଦିର ପଛଥିବା ଜାଗାକୁ ଯଥାଶୀଘ୍ର ଘୁଞ୍ଚାଯାଇ ମା'ଙ୍କ ଦର୍ଶନ ସୁବନ୍ଦୋବସ୍ତ କରାଯିବ। ଏପରିକି ମନ୍ଦିର ସମ୍ମୁଖରେ ମାଡ଼ି ବସିଥିବା ଦୋକାନ ଗୁଡିକୁ ସଂକୁଚିତ କରାଯିବ।

# ବେଆଇନ ବାଲି ଗଚ୍ଛିତ ସ୍ଥାନରେ ଚଢ଼ଉ

**ଛତ୍ରପୁର,୨୨।୧(ସମିସ):** ଗଞ୍ଜାମ ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଛତ୍ରପୁର ଓ ଗଞ୍ଜାମ ଥାନା ଅଞ୍ଚଳରେ ବେଆଇନ ଭାବେ ବାଲି ଗଚ୍ଛିତ କରି ରଖିଥିବା ୪ଟି ସ୍ଥାନରେ ଚଢ଼ଉ କରିଛି ପୁଲିସ। ଛତ୍ରପୁର ଥାନା ଅଧିନ କାଳୀଢ଼ାବା ନିକଟ ଓ ଗଞ୍ଜାମ ଥାନା ଅଧିନ ବାହାଲପୁର ଜଙ୍ଗଲ, ବାହାଲପୁର ଗ୍ରାମ ଓ ବରୋଦା ଗ୍ରାମରେ ପୁଲିସ୍ ଚଢ଼ଉ କରିଥିଲା। ଏନେଇ ଛତ୍ରପୁର ଏସ୍‌ଡିପିଓ ଚନ୍ଦନ କୁମାର ଘଡ଼େଇ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ପୁଲିସ୍ ପ୍ରଥମେ ଖବର ପାଇ ଖଣି ବିଭାଗର ସହଯୋଗରେ ଚଢ଼ଉ କରି ଉଭୟ ଛତ୍ରପୁର ଓ ଗଞ୍ଜାମ ଥାନାରେ ଷ୍ଟେସନ ଡାଏରୀ କରିଛି। ଜବତ ହୋଇଥିବା ବାଲି ଗୁଡ଼ିକ ଖଣି ବିଭାଗକୁ ହସ୍ତାନ୍ତର କରାଯାଇଥିବା ଛତ୍ରପୁର ଏସ୍‌ଡିପିଓ ଶ୍ରୀ ଘଡ଼ାଇ ସୂଚନା ଦେଇଛନ୍ତି। ସେମାନଙ୍କ ଠାରୁ ଜରିମାନା ଆଦାୟ କରାଯାଇଛି।

# ପୋଲ ଉପରେ ଟ୍ରକ ଦୁର୍ଘଟଣାଗ୍ରସ୍ତ; ବର୍ତ୍ତିଗଲେ ଚାଳକ

**ହୁମ୍ମା,୨୨।୧(ସମିସ):** ରମ୍ଭା ଥାନା ଅଞ୍ଚଳ ହୁମ୍ମା ଫାଣ୍ଡି ଅନ୍ତର୍ଗତ ଲକ୍ଷ୍ମୀପୁର ଓଭରବ୍ରିଜ ନିକଟ ୧୬ ନମ୍ବର ଜାତୀୟ ରାଜପଥରେ ବୁଧବାର ବିଳମ୍ବିତ ରାତିରେ ଏକ ସଡ଼କ ଦୁର୍ଘଟଣା ଘଟିଛି। ଏକ କଣ୍ଟେନର (ଏନ୍‌ଏଲ୍‌ଓ ୧ଏଏଫ୍ ୯୧୮୦) ଅନ୍ୟ ଏକ ଟ୍ରକ୍ (ଟିଏନ୍ ୩୪ ଏମ୍‌ଏ ୫୧୮୫)କୁ ଜୋର୍‌ରେ ଧକ୍କା ଦେଇଥିଲା। ଏହି ଦୁର୍ଘଟଣାରେ ଟ୍ରକ୍ ଚାଳକ ସାମାନ୍ୟ ଆହତ ହୋଇଛନ୍ତି। ସୂଚନାନୁଯାୟୀ, ପୁଇଁତୋଳାଠାରୁ ହୁମ୍ମା ପର୍ଯ୍ୟନ୍ତ ରାସ୍ତା କାମ ଚାଲୁଥିବାରୁ ଗୋଟିଏ ପାଶ୍ୱର୍ରେ ଯାନବାହନ ଚଳାଚଳ କରୁଛି। ଏହି କାରଣରୁ ଦୁଇଟି ଯାକ ଗାଡ଼ି ମଧ୍ୟରେ ଧକ୍କା ହୋଇଥିଲା। ରାସ୍ତା ମଝିରେ ଗାଡ଼ି ଦୁଇଟି ରହିଯିବା ଫଳରେ ଜାତୀୟ ରାଜପଥରେ ଟ୍ରାଫିକ୍ ସମସ୍ୟା ଦେଖାଦେଇଛି। ଘଟଣାସ୍ଥଳରେ ହୁମ୍ମା ଫାଣ୍ଡି ଅଧିକାରୀ ସତ୍ୟଜିତ ବେଣୀଆ ପହଞ୍ଚି ଗାଡ଼ିଗୁଡ଼ିକୁ ରାସ୍ତାରୁ ହଟାଇବା ସହ ଯାତାୟାତ ସ୍ୱାଭାବିକ କରିଥିଲେ।

## • ଗଞ୍ଜାମ ପୁଲିସର ଅପରେସନ ଅନ୍ୱେଷଣ

# ପ୍ରଥମ ଦିନରେ ୧୬ ଜଣ ଉଦ୍ଧାର

**ଛତ୍ରପୁର,୨୨।୧(ସମିସ):** ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକଙ୍କ ନିର୍ଦ୍ଦେଶକ୍ରମେ ଗଞ୍ଜାମ ଜିଲ୍ଲାରେ ଆରମ୍ଭ ହୋଇଛି ଅପେରସନ ଅନ୍ୱେଷଣ। ଏହି ଅପେସନରେ ନିଖୋଜ ଶିଶୁ ଓ ମହିଳା ମାନଙ୍କୁ ଉଦ୍ଧାର କରାଯିବ। ଏହି ଅବସରରେ ଆଜି ପ୍ରଥମ ଦିବସରେ ଗଞ୍ଜାମ ପୁଲିସ ଜିଲାର ବିଭିନ୍ନ ଥାନା ପକ୍ଷରୁ ଏହି ଅପରେସନରେ ୧୬ ଜଣକୁ ଉଦ୍ଧାର କରାଯାଇଛି। ୧୬ଜଣଙ୍କ ମଧ୍ୟରେ ୫ ଜଣ ନାବାଳକ/ନାବାଳିକା ରହିଥିବା ବେଳେ ୧୧ ଜଣ ମହିଳାଙ୍କୁ ଉଦ୍ଧାର କରାଯାଇଛି। ଉଦ୍ଧାର ପରେ ସେମାନଙ୍କ ପରିବାରକୁ ହସ୍ତାନ୍ତର କରିଛି ପୁଲିସ। ଏହି ଅପେରସନ ମାସ ଶେଷ ପ୍ରର୍ଯ୍ୟନ୍ତ ଚାଲିବ ବୋଲି ଗଞ୍ଜାମ ଏସ୍‌ପି ଶୁଭେନ୍ଦୁ କୁମାର ପାତ୍ର ସୂଚନା ଦେଇଛନ୍ତି। ଛତ୍ରପୁର, ଚମାଖଣ୍ଡି, ରମ୍ଭା, ଆସିକା, ହିଞ୍ଜିଳି, ବରଗଡ ଓ ଗାଙ୍ଗପୁର ପୁଲିସ ଥାନା ପକ୍ଷରୁ ଜଣେ ଲେଖାଏଁ ନିଖୋଜକୁ ଉଦ୍ଧାର କରାଯାଇଥିବା ବେଳେ ଭଞ୍ଜନଗର, ଜଗନ୍ନାଥପ୍ରସାଦ ଓ ପୁରୁଷୋତ୍ତମପୁର ଥାନା ପକ୍ଷରୁ ଦୁଇଟି ଲେଖାଏଁ ଏବଂ ଖଲିକୋଟ ପୁଲିସ ୩ଟି ନିଖୋଜଙ୍କୁ ଉଦ୍ଧାର କରି ସେମାନଙ୍କ ପରିବାରକୁ ହସ୍ତାନ୍ତର କରିଛି।

# ଆଖୁ କିଆରିରେ ଭାଲୁ; ବାହାରେ ଜଗିଛି ବନବିଭାଗ

**ବେଲଗୁଣ୍ଠା,୨୨।୧(ସମିସ):** ଆଖୁ କିଆରିରେ ଭାଲୁ। ବାହାରେ ଜଗିଛି ବନବିଭାଗ ଓ ଗ୍ରାମବାସୀ। ଏଭଳି ଘଟଣା ଦେଖିବାକୁ ମିଳିଛି ବେଲଗୁଣ୍ଠା ବ୍ଲକ୍ ଅନ୍ତର୍ଗତ ପାଲକଷଣ୍ଠା ଗ୍ରାମରେ। ଗୁରୁବାର ସକାଳୁ ଗ୍ରାମର ପ୍ରମୋଦ ଜେନା ପାଲକଷଣ୍ଠା ମିଲ୍ ପାଖରେ ଥିବା ନିଜ ଆଖୁ କିଆରିକୁ ଯାଇଥିବା ବେଳେ ସେଠାରେ ଭାଲୁ ଶୋଇଥିବା ଦେଖି ଦୌଡ଼ି ଆସି ଗ୍ରାମବାସୀଙ୍କୁ ଜଣାଇଥିଲେ। ଗ୍ରାମବାସୀ ଆଖୁ କିଆରି ପାଖକୁ ଯାଇଥିଲେ ମଧ୍ୟ ଭାଲୁ ଭୟରେ ଭିତରକୁ ପଶିନଥିଲେ। ଏନେଇ ବନ ବିଭାଗ ନିକଟରେ ଖବର ପହଞ୍ଚିବା ପରେ ଗାଙ୍ଗପୁର ବନପାଳ ଶଙ୍କର୍ଷଣ ଗୌଡ଼ଙ୍କ ତତ୍ତ୍ୱାବଧାନରେ ବନ କର୍ମଚାରୀ ଆଖୁ କିଆରି ନିକଟରେ ପହଞ୍ଚି ଲୋକଙ୍କୁ ଦୂରକୁ ଯିବାକୁ ପରାମର୍ଶ ଦେଇଥିଲେ ଓ ସନ୍ଧ୍ୟାରେ ଉଦ୍ଧାରକାରୀ ଟିମ୍ ପହଞ୍ଚି ଥିବାରୁ ଉଭୟ ଗ୍ରାମବାସୀ ଏବଂ ବନ ବିଭାଗ କର୍ମଚାରୀ ପଦର୍ ଚାରିପଟେ ଘେରି ରହିଛନ୍ତି।



# ବ୍ଲକସ୍ତରୀୟ ଜଳବିଭାଜିକା ମହୋତ୍ସବ



**ଭଞ୍ଜନଗର,୨୨।୧(ସମିସ):** ଏହି ବ୍ଲକର ଗୋଲାପଡା ପଞ୍ଚାୟତରେ ଭଞ୍ଜନଗର ମୃତ୍ତିକା ସଂରକ୍ଷଣ ବିଭାଗ ପକ୍ଷରୁ ବ୍ଲକସ୍ତରୀୟ ଜଳ ବିଭାଜିକା ମହୋତ୍ସବ ଆୟୋଜିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସ୍ଥାନୀୟ ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ ଚାଷୀ ଓ ଚାଷର ଉନ୍ନତି ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ବହୁବିଦ୍ଧ ଯୋଜନା ପ୍ରଣୟନ କରାଯାଇ ଅର୍ଥ ବ୍ୟୟବରାଦ କରାଯାଉଛି ବୋଲି ଉଲ୍ଲେଖ କରିଥିଲେ। ଏଥିରେ ଜଳବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକ ପ୍ରଦୀପ କୁମାର ପଟ୍ଟନାୟକ ଯୋଗ ଦେଇ ଏହା ମାଧ୍ୟମରେ କିଭଳି ଭୂତଳ ଜଳ ସ୍ତର ବୃଦ୍ଧି କରାଯାଇ ସବୁଜ ଆବରଣ ବୃଦ୍ଧି କରିବାରେ ସହାୟକ ହୋଇପାରୁଛି ସେ ସଂପର୍କରେ ଉଲ୍ଲେଖ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସରପଞ୍ଚ ସୁକାନ୍ତ କୁମାର ମଲ୍ଲିକ, ସମିତିସଭ୍ୟ ପିତବାସ ପ୍ରଧାନ, ଉଦ୍ୟାନ କୃଷି ବିଭାଗର ସହକାରୀ ନିର୍ଦ୍ଦେଶକ ଇତିଶ୍ରୀ ପ୍ରିୟଦର୍ଶିନୀ, ବିଡିଓ ଟୁକୁ କୁମାର ସିଠ୍, ସହକାରୀ ମତ୍ସ୍ୟ ଅଧିକାରୀ ସୁଦେଷ୍ଣା ପାତ୍ର, ଡିଓଏଲ୍‌ଆର୍ ସର୍ମିଷ୍ଠା ପାଣିଗ୍ରାହୀ ପ୍ରମୁଖ ସମ୍ମନ୍ୱିତ କୃଷି ସହ ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାଇ ଯୋଜନା ସଂର୍ପକରେ ବକ୍ତବ୍ୟ ରଖିଥିଲେ। ସୁଶାନ୍ତ କୁମାର ବେହେରା ସଂଯୋଜନା କରିଥିବା ବେଳେ ମୃର୍ତ୍ତିକା ସଂରକ୍ଷଣ ବିଭାଗର ସହକାରୀ ନିର୍ଦ୍ଦେଶକ ଜ୍ୟୋତିରଞ୍ଜନ ସ୍ୱାଇଁ ଓ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

## ପୁଲିସକୁ ଲୁଟେରାଙ୍କ ଖୋଲା ଚାଲେଞ୍ଜ

# ୩ ଦିନରେ ୯ ଘରେ କଳାକନା ବୁଲାଇଲେ

**ସାନଖେମୁଣ୍ଡି,୨୨।୧(ସମିସ):**



ପାଟପୁର ଥାନା ଅଞ୍ଚଳରେ ଚୋରଦଳ ୩ ଦିନରେ ୩ଟି ଗ୍ରାମର ୯ଟି ଘରୁ ସୁନା, ରୂପା ଅଳଙ୍କାର ସହ ଟଙ୍କା ଚୋରି କରି ପୁଲିସ୍‌କୁ ଖୋଲା ଚାଲେଞ୍ଜ ଦେଇଛି। କୌଣସି ନିଶା ଔଷଧ ସ୍ପ୍ରେ କରି ଚୋରମାନେ ଘର ଭିତରେ ପଶି କଳାକନା ବୁଲାଇ ଦେଉଛନ୍ତି।

ସୂଚନା ମୁତାବକ, ବୁଧବାର ବିଳମ୍ବିତ ରାତିରେ ସାନଖେମୁଣ୍ଡି ବ୍ଲକ ପାଟପୁର ଥାନା ଖୋଲଡି ଗ୍ରାମର ରାଜେନ୍ଦ୍ର ସୁବୁଦ୍ଧିଙ୍କ ଦୁଇଟି ଲୁହା କବାଟ ଓ ଗୋଟାଏ କାଠ କବାଟ ଭାଙ୍ଗି ଘର ଭିତରେ ପଶି ରାଜେନ୍ଦ୍ର ସୁବୁଦ୍ଧିଙ୍କ ସ୍ତ୍ରୀ ପିନ୍ଧିଥିବା ସୁନା ଚେନକୁ ଭିଡ଼ି ନେଇଥିଲେ। କିନ୍ତୁ ସେ ଜାଣି ପାରିନଥିଲେ। କିଛି ସମୟ ପରେ ସେ ଉଠି ବାରିପଟର କବାଟ ଖୋଲାଥିବା ଦେଖି ବେକରେ ହାତ ମାରିବାରୁ ଚେନ୍ ନଥିଲା। ପରିବାର ଲୋକଙ୍କୁ ଉଠାଇ ଖୋଜିଥିଲେ ମଧ୍ୟ ଚୋରଦଳ ଖସି ପଳାଇଥିଲେ। ସେହିଭଳି ସେହି ଗ୍ରାମର ଡି. ସୀମାଞ୍ଚଳ ଦୋରାଙ୍କ ଘରର କବାଟ ଭାଙ୍ଗିବା ବେଳେ ଲୋକ ଉଠି ପଡ଼ିଥିବାରୁ ସେହି ଘରୁ ଚୋରି କରି ପାରିନଥିଲେ। ସେହିଭଳି ସେହି ଗ୍ରାମର ଅନ୍ୟ ଜଣଙ୍କ ଘରୁ ଚୋରି ପାଇଁ ଉଦ୍ୟମ କରି ବିଫଳ ହେଇଥିଲେ ଚୋର ଗ୍ୟାଙ୍ଗ।

ପୂର୍ବରୁ ମଙ୍ଗଳବାର ବିଳମ୍ବିତ ରାତିରେ ପାଟପୁର ଥାନା ସିଙ୍ଗିପୁର ଗ୍ରାମର ୩ ଟି ଘରୁ ଚୋର ଗ୍ୟାଙ୍ଗ କବାଟ ଭାଙ୍ଗି ସୁନା, ରୁପା ଅଳଙ୍କାର ସହ ଟଙ୍କା ଚୋରି କରିଥିବା ବେଳେ ସୋମବାର ରାତିରେ ସିଙ୍ଗିପୁର ପଞ୍ଚାୟତ ଖଜୁରିପଦା ଗ୍ରାମର ୩ଟି ଘର କବାଟ ଭାଙ୍ଗି ସୁନା, ରୁପା ଅଳଙ୍କାର ସହ ଟଙ୍କା ଚୋରି କରିଥିବା ସୂଚନା ମିଳିଛି। ପୁଲିସ ଚୋରି ହୋଇଥିବା ଗ୍ରାମ ଗୁଡିକ ଏବଂ ଆଖ ପାଖ ଅଞ୍ଚଳରେ ଲାଗିଥିବା ସିସିଟିଭିକୁ ଯାଞ୍ଚ କରିବା ସହ ଚୋରି ହୋଇଥିବା ଘର ଗୁଡ଼ିକରେ ପହଞ୍ଚି ତଦନ୍ତ କରି ଫେରିଛି। ୩ ଦିନରେ ୩ଟି ଗ୍ରାମରୁ ୯ଟି ଘରୁ ଚୋରି ହୋଇଥିବାବେଳେ ପୁଲିସ କେମିତି କୌଣସି ଚୋର ଗ୍ୟାଙ୍ଗକୁ କାବୁ କରିପାରୁନାହିଁ ତାହା ସାଧାରଣରେ ଆଲୋଚନା ହେଉଛି। ଚୋରିକୁ ନେଇ ଅଞ୍ଚଳରେ ଭୟର ବାତାବରଣ ଖେଳି ଯାଇଥିବାବେଳେ ଲୋକେ ରାତିରେ ଶୋଇବାକୁ ବି ଭୟ କରୁଛନ୍ତି। ପୁଲିସ ପାଟ୍ରୋଲିଂ ବ୍ୟବସ୍ଥାକୁ କଡ଼ାକଡ଼ି କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

# ଜାତୀୟ ଶିଶୁ କନ୍ୟା ଦିବସ ପାଳିତ



**ବ୍ରହ୍ମପୁର,୨୨।୧(ସମିସ):** ଜିଲ୍ଲା ସ୍ୱାସ୍ଥ୍ୟ ବିକାଶ ସମିତି ପକ୍ଷରୁ ଜାତୀୟ ବାଳିକା ଶିଶୁ ଦିବସ ସିଡ଼ିଏମଓ କାର୍ଯ୍ୟାଳୟ ପରିସରସ୍ଥ ପ୍ରଜ୍ଞାନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଛି। ଏଥିରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଏବଂ ଜନସ୍ୱାସ୍ଥ୍ୟ ଅଧିକାରୀ ଡା ଭବାନୀ ଶଙ୍କର ମିଶ୍ର ଅଧ୍ୟକ୍ଷତା କରି ପ୍ରତ୍ୟେକ ଝିଅକୁ ଜନ୍ମ ନେବାର ଅଧିକାର, ଶିକ୍ଷା ପାଇବାର ସୁଯୋଗ ଓ ନିରାପଦ ଜୀବନ ପ୍ରଦାନ କରିବା ସମସ୍ତଙ୍କ କର୍ତ୍ତବ୍ୟ ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ ବ୍ରହ୍ମପୁର ସରକାରୀ ଏଏନଏମ ତାଲିମ କେନ୍ଦ୍ରର ଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା ବାଲୁଙ୍କେଶ୍ୱର ଷଡ଼ଙ୍ଗୀ, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ(ପରିବାର କଲ୍ୟାଣ) ଡା ଏସ.କାମେଶ୍ୱର ରାଓ, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ(ମଶା ବାହିତ ରୋଗ) ଡା ଦେବାଶିଷ ପଟ୍ଟନାୟକ, ଜିଲ୍ଲା କାର୍ଯ୍ୟକ୍ରମ ପରିଚାଳକ ବୁଲୁନାଥ ସାହୁ, ଜିଲ୍ଲା ସହାୟକ ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ମୃତ୍ୟୁଞ୍ଜୟ ପାଣିଗ୍ରାହୀ, ସଖୀ କେନ୍ଦ୍ରର ନିର୍ଦ୍ଦେଶିକା ମହେଶ୍ୱତା ପାତ୍ରୀ, ସ୍ୱେଚ୍ଛାସେବୀ ସଂଗଠନ'ସେବା'ର ମୁଖ୍ୟ ଅଳକା ସାହୁ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଲିଗଲ ସହାୟକ ପରିଚାଳକ ଦିଲ୍ଲୀପ ପଣ୍ଡା ପରିଚାଳନା କରିଥିଲେ। ଏ ଅବସରରେ ଏକ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

ସକାଳ
THE SAKALA



## ପଟ୍ଟନାୟକ ବନ୍ଧ ପୁନରୁଦ୍ଧାର କାର୍ଯ୍ୟ

# ଅର୍ଥ ହେରଫେରର ଅଭିଯୋଗର ଭିଜିଲାନ୍ସ ତଦନ୍ତ ଆରମ୍ଭ

ପାରଳାଖେମୁଣ୍ଡି,୨୨।୧(ସମିସ)

ଗଜପତି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡି ପୌରପରିଷଦରେ ଥିବା ସର୍ବପୁରାତନ ପଟ୍ଟନାୟକ ବନ୍ଧ ପୁନରୁଦ୍ଧାର କାର୍ଯ୍ୟରେ ସରକାରୀ ଅର୍ଥ ହେରଫେର ଅଭିଯୋଗକୁ ନେଇ ଭିଜିଲାନ୍ସ ତଦନ୍ତ ଆରମ୍ଭ ହୋଇଛି। ଆଜି ବ୍ରହ୍ମପୁର ଭିଜିଲାନ୍ସ ଅଧୀକ୍ଷକଙ୍କ ନିର୍ଦ୍ଦେଶ କ୍ରମେ ସୌମ୍ୟ ପଣ୍ଡାଙ୍କ ନେତୃତ୍ୱରେ ୩ ଜଣିଆ ଟିମ୍ ପାରଳାଖେମୁଣ୍ଡିସ୍ଥିତ ପଟ୍ଟନାୟକ ବନ୍ଧରେ ପହଞ୍ଚି ସରଜମିନ ତଦନ୍ତ ଆରମ୍ଭ କରିଛନ୍ତି। ସେ ପଟ୍ଟନାୟକ ବନ୍ଧର ପାରିପାର୍ଶ୍ୱିକ ପରିସ୍ଥିତି ଦେଖି କ୍ଷୁବ୍ଧ ହୋଇଥିବା ବେଳେ ସମସ୍ତ ପରିସରକୁ ସଫା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ବନ୍ଧ ମଧ୍ୟ ଭାଗରେ ଅନାବନା ଘାସଲଟା ବାହାରିଥିବା ବେଳେ ଏହାର ପରିସରରେ କୃତ୍ରିମ ଜଙ୍ଗଲ ସୃଷ୍ଟି ହୋଇଛି। ବନ୍ଧ ମଧ୍ୟରେ ପାଣିର ଚିହ୍ନବର୍ଣ୍ଣ ନଥିବା ବେଳେ ଗନ୍ଧରେ ନାକ ଫାଟି ପଡୁଛି। ଏପରି ପରିସ୍ଥିତି ଦେଖି ଭିଜିଲାନ୍ସ ଟିମ୍ ଅସନ୍ତୋଷ ପ୍ରକଟ କରିଥିଲେ। ଉପସ୍ଥିତ ପାରଳାଖେମୁଣ୍ଡି ପୌରପରିଷଦର ନିର୍ବାହୀ ଅଧିକାରୀ ଲକ୍ଷ୍ମଣ କୁମାର ମୁର୍ମୁ ଓ ପୌରଯନ୍ତ୍ରୀ ସଞ୍ଜିବ କୁମାର ଚମ୍ପତି ସଫେଇ ପାଇଁ ୭ ଦିନ ମହଲତ ମାଗିଥିଲେ। ଭିଜିଲାନ୍ସ ଟିମ୍ ବନ୍ଧର କେତେକ ପାର୍ଶ୍ୱର ନିରୀକ୍ଷଣ କରି ମାପଚୂପ କରିଥିଲେ। ବନ୍ଧ ପରିସର ସଫେଇ ହେବା ପରେ ପୁଣି ଏହି ଟିମ୍ ତଦନ୍ତ କରିବେ ବୋଲି ଜଣାପଡିଛି।

ପଟ୍ଟନାୟକ ବନ୍ଧ ମୋଟ ୩ ଏକର ୩୬୫ ଡେସିମେଲ୍ ପରିଧିରେ ରହିଥିଲା। କାଳକ୍ରମେ ଏହାର ପରିସର ଜବରଦଖଲକାରୀଙ୍କ କବଜାକୁ ଚାଲିଯାଇ କେବଳ ଜଳ ରହଣୀସ୍ଥଳ ହିଁ ବଳକା ରହିଛି। ପାଣି ବନ୍ଧର ପୁନରୁଦ୍ଧାର ନିମନ୍ତେ ରାଜ୍ୟ ସରକାର ୨୦୦୯ରୁ ଅଦ୍ୟାବଧି ବିଭିନ୍ନ ଯୋଜନାରେ ଯଥାକ୍ରମେ ୧ କୋଟି ୮୬ ଲକ୍ଷ ୫ ହଜାର ଓ ୨୫ଲକ୍ଷ ଟଙ୍କା



ଏପରି ଭାବେ ମୋଟ ୨ କୋଟି ୧୧ ଲକ୍ଷ ୫ ହଜାର ଟଙ୍କା ଅନୁଦାନ ଦେଇଥିଲେ। ଏହି ଟଙ୍କାରେ ବନ୍ଧର ପୁନରୁଦ୍ଧାର, ଗାଧୁଆ ତୁଠ, ପଙ୍କ ଉଦ୍ଧାର, ରିଟର୍ଣ୍ଣିଂ ୱାଲ୍, କଂକ୍ରିଟ୍ ବ୍ଲକ ପିଚିଂ ସମେତ ଅନ୍ୟାନ୍ୟ କାର୍ଯ୍ୟ ପାଇଁ ବ୍ୟୟବରାଦ ହୋଇଥିଲା। ପୁନରୁଉଦ୍ଧାର ନାମରେ ଯେବେ ଠାରୁ କାମ ଆରମ୍ଭ ହେଲା ସେବେ ଠାରୁ ଏହାର ପତନ ମଧ୍ୟ ଆରମ୍ଭ ହେଲା। ପର୍ଯ୍ୟାୟ କ୍ରମେ ସରକାର ଅର୍ଥ ମଞ୍ଜୁର କରି ଚାଲିଥିଲେ ମଧ୍ୟ ଠିକାଦାର ଓ ବିଭାଗୀୟ କର୍ତ୍ତୃପକ୍ଷଙ୍କ ମଧୁଚନ୍ଦ୍ରିକାରେ କାମ ସମାପନ ହୋଇପାରିଲା ନାହିଁ। ଯେଉଁ କାମ ହୋଇଛି ତାହା କାଗଜ କଲମରେ।

୧୫ ବର୍ଷରୁ ଅଧିକ ସମୟ ହେଲା ଏହା ଆଉ ବ୍ୟବହାର ଉପଯୋଗୀ ହୋଇ ନାହିଁ। ପଟ୍ଟନାୟକ ବନ୍ଧ ହୁଡ଼ାରେ ଅନେକ ମନ୍ଦିର ରହିଛି। ଏହା ସହ ଅତି ନିକଟରେ ସଂସ୍କୃତ ମହାବିଦ୍ୟାଳୟ ମଧ୍ୟ ରହିଛି। ମନ୍ଦିରକୁ ଯାଉଥିବା ଶ୍ରଦ୍ଧାଳୁ ଓ ମହାବିଦ୍ୟାଳୟରେ ପଢୁଥିବା ଛାତ୍ରଛାତ୍ରୀ ଦୁର୍ଗନ୍ଧମୟ ପରିବେଶରେ ଯିବାଆସିବା କରୁଛନ୍ତି। ଠିକାଦାର ଓ ପୌରକର୍ତ୍ତୃପକ୍ଷଙ୍କ ମଧୂଚନ୍ଦ୍ରିକାରେ ସରକାରୀ ଅର୍ଥକୁ ଦୁରୁପଯୋଗ କରାଯିବା ସହ ମିଥ୍ୟା ବିଲ୍ ଦାଖଲ କରାଯାଇ ହରିଲୁଟ୍ କରାଯାଇଛି ବୋଲି ପାରଳାଖେମୁଣ୍ଡି ନିବାସୀ ପ୍ରନୋଜ କୁମାର ପଟ୍ଟନାୟକ କିଛି ମାସ ପୂର୍ବେ ଗଜପତି ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ଏଥିରେ ଦୋଷୀ ବ୍ୟକ୍ତି ଓ ଅର୍ଥ ହଡପକାରୀଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହ ସେମାନଙ୍କ ବ୍ୟକ୍ତିଗତ ଆକାଉଣ୍ଟରୁ ହଡ଼ପ ଅର୍ଥ ଆଦାୟ କରିବାକୁ ଦାବି କରିଥିଲେ।

## ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳା ନିମନ୍ତେ ପ୍ରସ୍ତୁତି ବୈଠକ



ପାରଳାଖେମୁଣ୍ଡି,୨୨।୧(ସମିସ): ଗଜପତି ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳା ପାଇଁ ଆଜି ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଦକ୍ଷତା ବିକାଶ ଓ ନିଯୋଜନ କାର୍ଯ୍ୟାଳୟ ଆନୁକୁଲ୍ୟରେ ଅନୁଷ୍ଠିତ ବୈଠକରେ ଅତିରିକ୍ତ ଜିଲ୍ଲାପାଳ ମୁନୀନ୍ଦ୍ର ହୋନନାଗା ଅଧ୍ୟକ୍ଷତା କରିଥିଲେ। ବୈଠକରେ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ଅଂଶୁମାନ ମହାପାତ୍ର, ପାରଳାଖେମୁଣ୍ଡି ଉପଖଣ୍ଡ ପୁଲିସ ଅଧିକାରୀ ମାଧବାନନ୍ଦ ନାୟକ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା.ମହମ୍ମଦ ମୁବାରକ ଅଲ୍ଲୀ ଓ ଜିଲ୍ଲା ଦକ୍ଷତା ବିକାଶ ଓ ନିଯୋଜନ ଅଧିକାରୀ ସୌଭାଗ୍ୟ ସ୍ମୃତିରଞ୍ଜନ ତ୍ରିପାଠୀ ଯୋଗଦେଇ ଚଳିତ ନିଯୁକ୍ତି ମେଳାର ରୂପରେଖ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ।

ଚଳିତ ଫେବୃଆରୀ ମାସ ୨୧ ତାରିଖ ଦିନ ରାୟଗଡ ବ୍ଲକ ସ୍ଥିତ ମିନି ଷ୍ଟାଡିୟମ୍ ଠାରେ ଜିଲ୍ଲାର ସମସ୍ତ ବ୍ଲକର ଯୁବକ/ଯୁବତୀଙ୍କ ପାଇଁ ଏହି ନିଯୁକ୍ତି ମେଳା ହେବ। ୭ଟି ବ୍ଲକର ଏକ ହଜାରର ଅଧିକ ଯୁବକ/ଯୁବତୀଙ୍କୁ ବିଭିନ୍ନ ବେସରକାରୀ ସଂସ୍ଥାରେ ନିଯୁକ୍ତିଭିତ୍ତିକ ପ୍ରଶିକ୍ଷଣ ତଥା ନିଯୁକ୍ତି ନିମନ୍ତେ ଚୟନ କରାଯିବ। ଏନେଇ ଜୋରଦାର ପ୍ରଚାର ଓ ପ୍ରସାର କରାଯିବ। ଜିଲ୍ଲାର ସମସ୍ତ ଯୁବକ ଯୁବତୀମାନଙ୍କୁ କର୍ମ ସଂସ୍ଥାନ ପାଇଁ ନିଯୁକ୍ତି ମେଳାରେ ଯୋଗ ଦେବାକୁ ଅତିରିକ୍ତ ଜିଲ୍ଲାପାଳ କହିଛନ୍ତି। ଉକ୍ତ ନିଯୁକ୍ତି ମେଳାରେ ୨୦ରୁ ଅଧିକ ନିଯୁକ୍ତି ଭିତ୍ତିକ ତାଲିମ ପ୍ରଦାନକାରୀ ଅଂଶଗ୍ରହଣ କରିବାର କାର୍ଯ୍ୟକ୍ରମ ରହିଛି। ପ୍ରସ୍ତୁତି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲାର ସମସ୍ତ ଲାଇନ୍ ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ଓଲଟିଲା ସିମେଣ୍ଟ ବୋଝେଇ ଟ୍ରକ୍

ମୋହନା,୨୨।୧(ସମିସ): ଗଜପତି ଜିଲ୍ଲା ଅଡବା ଥାନା ମେରାମା ଛକ ବୁଲାଣିରେ ଘଟିଛି ଏହି ଦୁର୍ଘଟଣା। ସିମେଣ୍ଟ ନେଇ ଏକ ୧୬ ଚକିଆ ଟ୍ରକ ଛତିଶଗଡରୁ ଗଜପତି ମୋହନା ଅଭିମୁଖେ ଆସୁଥିବା ବେଳେ ଭାରସାମ୍ୟ ହରାଇ ମଣ୍ଡିମେରା ପଞ୍ଚାୟତ ମେରାମା ଛକ ନିକଟ ବୁଲାଣିରେ ରାସ୍ତା ତଳକୁ ଓଲଟି ପଡିଥିଲା। ଦୁର୍ଘଟଣାରେ ଚାଳକ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଖବର ପାଇ ଘଟଣା ସ୍ଥଳରେ ଅଡବା ଥାନା ପୁଲିସ୍ ପହଞ୍ଚି ଘଟଣାର ତଦନ୍ତ କରୁଛି।

## ଏନ୍‌ଡିଆର୍‌ଏଫ୍‌ର ମକ୍‌ଡ୍ରିଲ୍



କାଶୀନଗର,୨୨।୧(ସମିସ): କାଶୀନଗରସ୍ଥିତ ବାରାଣସୀ ସରକାରୀ ହାଇସ୍କୁଲ୍ ପଡିଆରେ କଟକରୁ ଆସିଥିବା ଏନ୍‌ଡିଆର୍‌ଏଫ୍ ଟିମ୍ ପକ୍ଷରୁ ମକ୍‌ଡ୍ରିଲ୍ ଜରିଆରେ ସଚେତନତା କରାଯାଇଛି। ଗ୍ୟାସ୍ ଓ ରାସାୟନିକ ପଦାର୍ଥ ଜନିତ ଆକସ୍ମିକ ବିପର୍ଯ୍ୟୟବେଳେ କିପରି ମୁକାବିଲା କରିବେ ବିଭାଗୀୟ ଆସିଷ୍ଟାଣ୍ଟ କମାଣ୍ଡର ସୁଧାଂଶୁ ଶେଖର ଓ ଇନ୍ସପେକ୍ଟର ବିଧୁ ଭୂଷଣ ଶର୍ମା ସଚେତନ କରିଥିଲେ। ସ୍ଥାନୀୟ ବ୍ଲକ୍ ପ୍ରଶାସନ, ଅଗ୍ନିଶମ ବିଭାଗ, ଶିକ୍ଷା ବିଭାଗ, ସ୍ୱାସ୍ଥ୍ୟବିଭାଗ, ଗ୍ୟାସ ଏଜେନ୍ସି ଓ ପୁଲିସ୍ ସହାୟତାରେ ମକଡ୍ରିଲ୍ ହୋଇଥିଲା। ବିଡିଓ ଡମ୍ବରୁଧର ମଲ୍ଲିକ, ଡିଇଓ ଜଗନ୍ନାଥ ପାଢ଼ୀ, ଭାରପ୍ରାପ୍ତ ଥାନା ଆଇଆଇସି ଆଲୋକ ଜଗଦଲ, କାଶୀନଗର ନାଗରିକ ମହାସଭା ସଭାପତି କବି ପ୍ରଶାନ୍ତ ମିଶ୍ର , ଡା. ସଚ୍ଚିକାନ୍ତ ମହାପାତ୍ର, ଆଡିସିନାଲ୍ ତହସିଲଦାର କେ.ଦିବ୍ୟ ରଞ୍ଜନ ଓ ସିଡିପିଓ କେ.କୋଟେଶ୍ୱରୀ ମଞ୍ଚାସୀନ ହୋଇ ଉଲ୍ଲିଖିତ ପ୍ରସଙ୍ଗରେ ବକ୍ତବ୍ୟ ରଖିଥିଲେ। ସ୍ଥାନୀୟ ବହୁ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମର ସଫଳ ରୂପାୟନ ନିମନ୍ତେ ବ୍ଲକ୍ ପ୍ରଶାସନ ସହାୟତା ଯୋଗାଇ ଦେଇଥିଲା।

## ନୂତନ ସରକାରୀ ଓକିଲଙ୍କ କାର୍ଯ୍ୟରେ ଯୋଗଦାନ



### କୋର୍ଟ ନଥାଇ ନୂଆଗଡ଼ ଓ ଗୁମ୍ମାରେ ସରକାରୀ ଓକିଲ ନିଯୁକ୍ତ

ପାରଳାଖେମୁଣ୍ଡି,୨୨।୧(ସମିସ): ଗଜପତି ଜିଲ୍ଲାର ବିଭିନ୍ନ ଅଦାଲତରେ ସରକାରଙ୍କ ପକ୍ଷରୁ ପକ୍ଷ ରଖିବା ନିମନ୍ତେ ୧୯ ଜଣ ଓକିଲଙ୍କୁ ସରକାରୀ ଓକିଲ ଭାବେ ନିଯୁକ୍ତି କରାଯାଇଛି। ଏହି ନିଯୁକ୍ତି ଖବର ଆସିବା ପରେ ସମସ୍ତ ନବ ନିଯୁକ୍ତ ସରକାରୀ ଓକିଲ ପୋକ୍‌ସୋ କୋର୍ଟର ସ୍ପେଶାଲ ପବ୍ଲିକ ପ୍ରସିକ୍ୟୁଟର ଭାବେ ନିଯୁକ୍ତି ପାଇଥିବା ତଥା ପାରଳାଖେମୁଣ୍ଡି ଓକିଲ ସଂଘର ସେକ୍ରେଟାରୀ ଏମ୍. ପୃଥ୍ୱୀରାଜଙ୍କ ନେତୃତ୍ୱରେ ନ୍ୟାୟାଳୟର ଭାରପ୍ରାପ୍ତ କ୍ୟାଡ଼ର ପବ୍ଲିକ ପ୍ରସିକ୍ୟୁଟର ରାଜେଶ କୁମାର ମିଶ୍ରଙ୍କ ଉପସ୍ଥିତିରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଅତିରିକ୍ତ ଜିଲ୍ଲାପାଳ ମୁନିନ୍ଦ୍ର ହୋନ୍ନାଗାଙ୍କୁ ନିଜର ନିଯୁକ୍ତିପତ୍ର ଦେଇ କାର୍ଯ୍ୟରେ ଯୋଗଦାନ କରିଥିଲେ। ଏହାପରେ ଜିଲ୍ଲା ଅଭିଯୋଜନ କାର୍ଯ୍ୟାଳୟରେ ଅଭିଯୋଜନ ବିଭାଗର ଉପନିର୍ଦ୍ଦେଶକ ଅଜିତ ପଟ୍ଟନାୟକ, ଭାରପ୍ରାପ୍ତ ପବ୍ଲିକ ପ୍ରସିକ୍ୟୁଟର ରାଜେଶ କୁମାର ମିଶ୍ର ତଥା ସହାୟକ ଅଭିଯୋଜନ ଅଧିକାରୀ ଡ଼ି. ଅନୁପରାଜ ଆଚାରୀଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ସେହିକ୍ରମରେ ଆଜି ଗଜପତି ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ କାର୍ଯ୍ୟାଳୟରେ ନବ ନିଯୁକ୍ତ ସରକାରୀ ଓକିଲ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଯତୀନ୍ଦ୍ର କୁମାର ପଣ୍ଡାଙ୍କ ସହ ସୌଜନ୍ୟମୂଳକ ସାକ୍ଷାତ ସହ ଜିଲ୍ଲାର ଆଇନଶୃଙ୍ଖଳା ପରିସ୍ଥିତି ଉପରେ ଆଲୋଚନା କରିଥିଲେ। ଅଦ୍ୟାବଧି ୧୯ଜଣ ସରକାରୀ ଓକିଲଙ୍କ ମଧ୍ୟରୁ ୧୬ଜଣ ସରକାରୀ ଓକିଲ ଭାବେ କାର୍ଯ୍ୟରେ ଯୋଗଦାନ କରି ବିଭିନ୍ନ ଅଦାଲତରେ କାର୍ଯ୍ୟ ଆରମ୍ଭ କରିଛନ୍ତି। ଅନ୍ୟପକ୍ଷରେ ନୂଆଗଡ ଓ ଗୁମ୍ମାରେ କୌଣସି ନ୍ୟାୟାଳୟ ନଥିଲେ ମଧ୍ୟ ଏଥିପାଇଁ ଦୁଇଜଣ ସରକାରୀ ଓକିଲଙ୍କୁ ନିଯୁକ୍ତି ଦିଆଯାଇଛି। ଯାହାକୁ ନେଇ ଆଲୋଚନା ହେଉଛି। ଏହି ଦୁଇ ବ୍ଲକରେ ନିଯୁକ୍ତି ପାଇଥିବା ସରକାରୀ ଓକିଲମାନେ କେଉଁଠି କାର୍ଯ୍ୟ କରିବେ ସେନେଇ ଚର୍ଚ୍ଚା ହେଉଛି।

## ମଣ୍ଡଳସାହି ଗ୍ରାମରେ ହିନ୍ଦୁ ସମ୍ମିଳନୀ




ରାୟଗଡ଼,୨୨।୧(ସମିସ): ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଶହେବର୍ଷ ପୂର୍ତ୍ତି ଅବସରରେ ଗଜପତି ଜିଲ୍ଲା ରାୟଗଡ଼ ବ୍ଲକ ଅଧିନ ମଣ୍ଡଳସାହି ମଣ୍ଡଳରେ କାଞ୍ଚିବାଡ଼ ପଡିଆରେ ହିନ୍ଦୁ ସମ୍ମିଳନୀ ଗୁରୁବାର ଅନୁଷ୍ଠିତ ହୋଇଥିଲା। ବିଶ୍ୱହିନ୍ଦୁ ପରିଷଦ ମଣ୍ଡଳସାହି କେନ୍ଦ୍ର ସଭାପତି ଗୌରାଙ୍ଗ ଗମାଙ୍ଗଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଜିଲ୍ଲା ସଂଘ ଚାଳକ ରାଧାକୃଷ୍ଣ ଜାନି, ସମ୍ମାନିତ ଅତିଥି ଭାବେ ବିଭାଗ ସହକାର୍ଯ୍ୟବାହ ଜୁରୀଆ ଜାନି, ମୁଖ୍ୟବକ୍ତା ଭାବେ ହିନ୍ଦୁ ଜାଗରଣର ପ୍ରମୁଖ ପ୍ରାନ୍ତ ସଂଗଠନ ମନ୍ତ୍ରୀ ତନ୍ମୟ କୁମାର ଦାସ ମଞ୍ଚାସୀନ ଥିଲେ। ଏଥିରେ କଳସ ଯାତ୍ରା, ନାମ ସଙ୍କୀର୍ତ୍ତନ, ବିଶ୍ୱଶାନ୍ତି ମହାଯଜ୍ଞ, ସାମୂହିକ ହନୁମାନ ଚାଳିଶା, ଧର୍ମସଭା ଓ ପ୍ରବଚନ ସହ ସାମୂହିକ ପ୍ରସାଦସେବନ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅନ୍ୟତମ ଅତିଥି ଭାବେ ବିଭାଗ ପ୍ରଚାରକ ବିଜୟ କୁମାର ସାମଲ, ଜିଲ୍ଲା ପର୍ଯ୍ୟାବରଣ ପ୍ରମୁଖ ପ୍ରସାଦ ଘଡାଇ, ଖଣ୍ଡ କାର୍ଯ୍ୟବାହ ଭୀମ ଶବର, ବୃନ୍ଦାବନ ପ୍ରଧାନ, ଖଣ୍ଡ ଜାଗରଣ ପ୍ରମୁଖ ସୁବାଷ ଭୂୟା, ବ୍ଲକ ଅଧ୍ୟକ୍ଷା ପୂର୍ଣ୍ଣବାସୀ ନାୟକ, ସରପଞ୍ଚ ବିଶ୍ୱନାଥ ଭୂୟାଁ ଉପସ୍ଥିତ ଥିଲେ।

## ଗଜପତିରେ ୩ ନୂଆ ସବ୍‌ରେଜିଷ୍ଟ୍ରାର ଅଫିସ୍ ଖୋଲିବାକୁ ଘୋଷଣା

ପାରଳାଖେମୁଣ୍ଡି, ୨୨।୧ (ସମିସ): ଗଜପତି ଜିଲ୍ଲାରେ ଆଉ ତିନୋଟି ନୂଆ ସବ୍ ରେଜିଷ୍ଟ୍ରାର ଅଫିସ ଘୋଷଣା ଖୋଲିବା ନେଇ ଘୋଷଣା କରିଛନ୍ତି ରାଜ୍ୟ ସରକାର। ପୂର୍ବରୁ ପାରଳାଖେମୁଣ୍ଡି ସବ୍‌ରେଜିଷ୍ଟ୍ରାର କାର୍ଯ୍ୟାଳୟ ଅଧିନରେ ରହିଥିବା ନୂଆଗଡ, ଗୁମ୍ମା, ରାୟଗଡ଼ ବ୍ଲକ ଅଞ୍ଚଳରେ ତିନୋଟି ପୃଥକ ପୃଥକ କାର୍ଯ୍ୟାଳୟ ଖୋଲିବ। ଏନେଇ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି। ଆଗାମୀ ଦିନରେ ଏହା କାର୍ଯ୍ୟକାରୀ ହେବ। ଫଳରେ ଆଦିବାସୀ ଅଧ୍ୟୁଷିତ ଜିଲ୍ଲାରେ ରେଜିଷ୍ଟ୍ରେସନ ଭଳି ଗୁରୁତ୍ୱପୂର୍ଣ୍ଣ କାମ ଏବେ ସୁରୁଖୁରୁରେ ହେବ। ଆସନ୍ତା ୨ ତାରିଖ ପରେ ପଞ୍ଜୀକରଣ କାର୍ଯ୍ୟ ଆରମ୍ଭ ହେବ ବୋଲି ସରକାରଙ୍କ ଚିଠିରେ ଉଲ୍ଲେଖ ରହିଛି।

## ବିଦ୍ୟୁତ୍ ଆଘାତରେ ମାଙ୍କଡ଼ ଗୁରୁତର



ଫିରିଙ୍ଗିଆ,୨୨।୧(ସମିସ): ଫିରିଙ୍ଗିଆ ବନାଞ୍ଚଳ ନୂଆପଦର ସେକ୍ସନ କେଳାପଡ଼ା ବିଟ୍‌ର ଗେରୁପଡ଼ା ଗାଁରେ ଥିବା ବିଦ୍ୟୁତ ଟ୍ରାନ୍ସଫରମର୍ ସଂସ୍ପର୍ଶରେ ଆସି ବୁଧବାର ଗୁରୁତର ଅବସ୍ଥାରେ ତଳେ ପଡ଼ି ଛଟପଟ ହେଉଥିବା ମାଙ୍କଡ଼କୁ ବନବିଭାଗ ଉଦ୍ଧାର କରିଛି। ନୂଆପଦର ଫରେଷ୍ଟର ବ୍ରଜ ସୁନ୍ଦର ଦାସ ସଦଳବଳ ପହଞ୍ଚି ଗୁରୁତର ମାଙ୍କଡ଼କୁ ଉଦ୍ଧାର କରି ଫିରିଙ୍ଗିଆ ପ୍ରଣୀ ଚିକିତ୍ସା କେନ୍ଦ୍ରକୁ ଆଣି ଚିକିତ୍ସା କରାଇଥିଲେ।

## ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

ଟିକାବାଲି,୨୨।୧(ସମିସ): ଟିକାବାଲି କେଉଟସାହିରେ ଜଣେ ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ମୃତକ ହେଉଛନ୍ତି ସ୍ଥାନୀୟ ବାସିନ୍ଦା ପିଙ୍କୁନ ପ୍ରଧାନ (୨୪)। ଆଜି ଦ୍ୱିପହରେ ପିଙ୍କୁନ ଘରେ ଶୋଇଥିଲେ। ଦୀର୍ଘ ସମୟ ଧରି ନଉଠିବାରୁ ପରିବାର ଲୋକେ ତାଙ୍କୁ ଟିକାବାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଟିକାବାଲି ପୁଲିସ ମୃତଦେହ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ମୃତ୍ୟୁର ସଠିକ୍ କାରଣ ଜାଣିବାକୁ ବ୍ୟବଚ୍ଛେଦ ନିମନ୍ତେ ଫୁଲବାଣୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି।

## ଦିନମଜୁରିଆଙ୍କ ଆକାଉଣ୍ଟ ଖାଲି କରିଦେଲେ ସାଇବର ଠକ

ଜି.ଉଦୟଗିରି,୨୨।୧(ସମିସ): ଯେତେ ସଚେତନ କଲେ ମଧ୍ୟ ଦିନକୁ ଦିନ ସାଇବର ଠକେଇ ବଢ଼ିବାରେ ଲାଗିଛି। ବଡ଼ବଡ଼ିଆଙ୍କଠାରୁ ଶ୍ରମିକଙ୍କ ପର୍ଯ୍ୟନ୍ତ କାହାକୁ ବି ଛାଡୁନାହାନ୍ତି ଠକ। ଜି.ଉଦୟଗିରିର ଜଣେ ଦିନ ମଜୁରିଆ ପଞ୍ଚାନନ ସାହୁଙ୍କ ଆକାଉଣ୍ଟ ଖାଲି କରିଦେଇଛନ୍ତି ସାଇବର ଠକ। ସେ ଜାଣିବା ପରେ ସ୍ଥାନୀୟ ଥାନାକୁ ଯାଇ କାନ୍ଦି କାନ୍ଦି ଅଭିଯୋଗ କରିଥିବାବେଳେ ପୁଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି।
ପ୍ରକାଶ ଯେ, ଗତ ୧୨ ତାରିଖରେ ପଞ୍ଚାନନଙ୍କ ମୋବାଇଲକୁ ଷ୍ଟେଟବ୍ୟାଙ୍କ ଲୋଗୋ ଥାଇ ଯୋନୋ ଲିଙ୍କ୍‌ରେ ଏକ ଆପ ଆସିଥିଲା। ସେ ତାକୁ ଖୋଲିବା ପରେ ତାଙ୍କ ଫୋନକୁ ଏକ କଲ ଆସିଲା। ସେ ରିସିଭ କରିବା ପରେ ତାଙ୍କ ବ୍ୟାଙ୍କ ସେବା ବନ୍ଦ ରହିଛି ତାକୁ ଚାଲୁ କରିବା ନିମନ୍ତେ ଠକ ପ୍ରବର୍ତ୍ତାଇଥିଲା। ଠକ କଥାରେ ପଡ଼ି ପଞ୍ଚାନନ ଏଟିଏମ କାଡର୍ ପିନ ନମ୍ବର ଦେଇଥିଲେ। ଏହାପରେ ଠକ ଦୁଇ ଦିନ ପର୍ଯ୍ୟନ୍ତ ଆକାଉଣ୍ଟ ଖୋଲିବାକୁ ମନା କରିଥିଲା। ଦୁଇ ଦିନ ତଳେ ସେ ବ୍ୟାଙ୍କକୁ ଯାଇ ପାସ ବହି ପ୍ରିଣ୍ଟ କରିବାରୁ ୧ଲକ୍ଷ ୪୦ହଜାର ୫ଶହ ଟଙ୍କା କଟିଥିବା ଜାଣିବାକୁ ପାଇଥିଲେ। କାନ୍ଦି କାନ୍ଦି ଥାନାରେ ଏତଲା ଦେବା ପରେ ଆଇଆଇସି ବିଜୟ କୁମାର ସ୍ୱାଇଁ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛନ୍ତି। ଉକ୍ତ ଟଙ୍କା ତିନି ବ୍ୟାଙ୍କ ଆକାଉଣ୍ଟକୁ ଯାଇଛି। ଥାନା ଅଧିକାରୀ ସାଇବର ଠକ ଦ୍ୱାରା ଯେଉଁ ବ୍ୟାଙ୍କ ଆକାଉଣ୍ଟକୁ ଟଙ୍କା ଯାଇଛି ତାକୁ ଚିହ୍ନଟ କରି ଆକାଉଣ୍ଟ ଫ୍ରିଜ୍ ବ୍ୟବସ୍ଥା କରୁଥିବା କହିଛନ୍ତି।

## ମୋହନା ଖଣ୍ଡରେ ବିଶାଳ ହିନ୍ଦୁ ସମ୍ମିଳନୀ

ମୋହନା,୨୨।୧(ସମିସ): ମୋହନାରେ ଖଣ୍ଡସ୍ତରୀୟ ହିନ୍ଦୁ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଗୁରୁବାର ସ୍ଥାନୀୟ ଶିବ ମନ୍ଦିର ପରିସରରୁ ହଜାର ହଜାର ମହିଳା/ପୁରୁଷ ଶୋଭାଯାତ୍ରାରେ ବାହାରି ହାଇସ୍କୁଲ ପଡିଆରେ ପହଞ୍ଚି ଆୟୋଜିତ ସଭାରେ ଯୋଗ ଦେଇଥିଲେ। ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଶତ ବାର୍ଷିକ ଅବସରରେ ଆୟୋଜିତ ଏହି ସମ୍ମିଳନୀରେ ମୁଖ୍ୟବକ୍ତା ଅଖିଳ ଭାରତୀୟ ସଦଭାବନା ପ୍ରମୁଖ ଗୋପାଳ ପ୍ରସାଦ ମହାପାତ୍ର ଯୋଗ ଦେଇ ମାର୍ଗଦର୍ଶନ କରିଥିବାବେଳେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ମୁଠା ପ୍ରମୁଖ ପ୍ରତାପ ପାତ୍ର ଯୋଗ ଦେଇଥିଲେ। ବିଶ୍ୱହିନ୍ଦୁ ପରିଷଦ ପ୍ରାନ୍ତ ସାମାଜିକ ସମରସତା ପ୍ରମୁଖ ତରଣୀସେନ ଦାସ, ବିବିଧ କ୍ଷେତ୍ରର କାର୍ଯ୍ୟକର୍ତ୍ତା, ବିଭିନ୍ନ ଜାତି ମୁଖିଆ, ବୁଦ୍ଧିଜୀବୀ ଓ ହଜାର ହଜାର ଜନସାଧାରଣ ଯୋଗ ଦେଇଥିଲେ।

## ଡାମିଗାଁ ଉଚ୍ଚବିଦ୍ୟାଳୟର ବାର୍ଷିକ ଉତ୍ସବ




ଫିରିଙ୍ଗିଆ,୨୨।୧(ସମିସ): ଡାମିଗାଁ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ପ୍ରଧାନଶିକ୍ଷକ ରମେଶ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଫୁଲବାଣୀ ବିଧାୟକ ଉମାଚରଣ ମଲିକ ମୁଖ୍ୟଅତିଥି ଭାବେ ଦେଇଥିଲେ। ଜିଲ୍ଲା ସହରାଞ୍ଚଳ ଉନ୍ନୟନ ବିଭାଗ ପ୍ରକଳ୍ପ ନିର୍ଦ୍ଦେଶକ ପ୍ରବୀଣ କୁମାର ବାଣ୍ଡଆ, ଆଦିବାସୀ ଉନ୍ନୟନ ବିଭାଗ ପ୍ରକଳ୍ପ ପ୍ରଶାସକ ଗଦାଧର ପାତ୍ର, ଫୁଲବାଣୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ରଞ୍ଜନ କୁମାର କହଁର, ବିଏଡ କଲେଜର ପ୍ରଫେସର ମନୋଜ କୁମାର ଲେଙ୍କା, ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ସତ୍ୟଜିତ ଦାସ, ସ୍ୱତନ୍ତ୍ର ପିପି ବିଜୟକୃଷ୍ଣ ପଟ୍ଟନାୟକ, କାଉନସିଲର ସ୍ନେହଲତା ପ୍ରଧାନ, ପଞ୍ଚସଖା ଶିକ୍ଷା ସେତୁର ସଭାପତି ପର୍ଶୁରାମ ବେହେରା, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସୁଶାନ୍ତ କୁମାର ବେହେରା ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତି ଛାତ୍ରଛାତ୍ରୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଶେଷରେ ଛାତ୍ରଛାତ୍ରୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

## ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା



ଜି.ଉଦୟଗିରି,୨୨।୧(ସମିସ): ଜି.ଉଦୟଗିରି ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ବିଜୟ କୁମାର ବିଶିଙ୍କ ସ୍ପେଶାଲ ବ୍ରାଞ୍ଚକୁ ବଦଳି ହୋଇଛି। ଗୁରୁବାର ଏନେଇ ବିଦାୟକାଳୀନ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଥିଲା। ପୁଲିସ ଉପଖଣ୍ଡ ଅନ୍ତର୍ଗତ ୫ ଥାନା ତରଫରୁ ଅଧିକାରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା। ସ୍ଥାନୀୟ ଆଇଆଇସି ବିଜୟ କୁମାର ସ୍ୱାଇଁ ସଭା ପରିଚାଳନା କରିଥିବା ବେଳେ ଟିକାବାଲି ଆଇଆଇସି ପ୍ରଜ୍ଞାରିତମ୍ବରା କର, ଚକାପାଦ ଆଇଆଇସି ରବୀନ୍ଦ୍ର ହେମ୍ବ୍ରମ, ରାଇକିଆ ଆଇଆଇସି ଏ.ସ୍ୱର୍ଣ୍ଣଲତା ପାତ୍ର ଏବଂ ସାରଙ୍ଗଡ଼ ଆଇଆଇସି ସ୍ମିତା ଜେନା ଯୋଗ ଦେଇଥିଲେ।

## ଫିରିଙ୍ଗିଆରେ ସାଇବର ସଚେତନତା କର୍ମଶାଳା

ଫିରିଙ୍ଗିଆ,୨୨।୧(ସମିସ): ଫିରିଙ୍ଗିଆ ବ୍ଲକ କାର୍ଯ୍ୟାଳୟ ସଭା ଗୃହରେ ସାଇବର ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଥିଲା। ରାଜ୍ୟ ସରକାରଙ୍କ ବେଟି ବଚାଓ ବେଟି ପଢ଼ାଓ କାର୍ଯ୍ୟକ୍ରମ ଅଧୀନରେ କାର୍ଯ୍ୟକ୍ରମକୁ ଆଇସିଡିଏସ ପ୍ରକଳ୍ପ ଓ ମହିଳା ଓ ଶିଶୁ ବିକାଶ ବିଭାଗ ଫିରିଙ୍ଗିଆ ବ୍ଲକ ଆୟୋଜନ କରିଥିଲେ। ମହିଳା ଓ ଶିଶୁ ବିକାଶ ଅଧିକାରିଣୀ ନିବେଦିତା ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କର୍ମଶାଳାରେ ଫିରିଙ୍ଗିଆ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅନୁପ ଅଭିଷେକ ବେହେରା ମୁଖ୍ୟଅତିଥି ଭାବରେ ଯୋଗ ଦେଇ ଉଦଘାଟନ କରିଥିଲେ।



ଅନ୍ୟମାନଙ୍କ ମଧ୍ୟରେ କନ୍ଧମାଳ ଜିଲ୍ଲା ସାଇବର ଥାନା ଅଧିକାରୀ କାଶୀନାଥ ହାଁସଦା, ଫିରିଙ୍ଗିଆ ଥାନା ଅଧିକାରୀ ମୁରଲୀଧର ସାହୁ, ଅତିରିକ୍ତ ଥାନା ଅଧିକାରୀ ଦୀପକ କୁମାର ରାଉତ ଓ ଜିପିଇଓ ସୁରଜ କାଣ୍ଡୁଲନା ଯୋଗ ଦେଇଥିଲେ। ଥାନା ଅଧିକାରୀଙ୍କ ସହ ସମସ୍ତ ଅତିଥି ଉପସ୍ଥିତ ଥିବା ଲୋକଙ୍କୁ ସାଇବର ଠକଙ୍କ କବଳରୁ କିପରି ସୁରକ୍ଷିତ ରହିବେ ବୁଝାଇଥିଲେ। ଛାତ୍ରଛାତ୍ରୀଙ୍କୁ ନେଇ ସାଇବର ଠକେଇ ଉପରେ ହୋଇଥିବା ବକ୍ତୃତା ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଉନ୍ନୀତ ଉଚ୍ଚବିଦ୍ୟାଳୟର ଛାତ୍ର ପ୍ରତୀକ ଦିଗାଳ, ଦ୍ୱିତୀୟ ହୋଇଥିବା ସରକାରୀ ଉଚ୍ଚ ବିଦ୍ୟାଳୟ ଛାତ୍ରୀ ଅଙ୍କିତା ବିଶ୍ୱାଳ ଓ ତୃତୀୟ ହୋଇଥିବା ଉନ୍ନୀତ ଉଚ୍ଚବିଦ୍ୟାଳୟର ଛାତ୍ରୀ ନନ୍ଦିତା ମହାପାତ୍ରଙ୍କୁ ମହିଳା ଓ ଶିଶୁ ବିକାଶ ବିଭାଗ ଦ୍ୱାରା ପୁରସ୍କୃତ କରାଯାଇଥିଲା।

## ମଦ୍ୟପ ଶିକ୍ଷକଙ୍କ ଉନ୍ମତ୍ତକାଣ୍ଡ

# ଗାଳିଗୁଲଜ କଲେ, ନିଲମ୍ବନ ପାଇଁ ନେହୁରା ହେଲେ



ଟିକାବାଲି,୨୨।୧(ସମିସ): ଟିକାବାଲି ଗୋଷ୍ଠୀ ଶିକ୍ଷା ବିଭାଗ ଅଧୀନରେ ଥିବା ଏକ ସରକାରୀ ବିଦ୍ୟାଳୟରେ ମଦ ନିଶାରେ ଚୁର୍ ହୋଇ ଜଣେ ଶିକ୍ଷକ ଉପରିସ୍ଥ ଅଧିକାରୀଙ୍କୁ ନିଲମ୍ବନ କରିବାକୁ ଖୋଲାଖୋଲି ଚ୍ୟାଲେଞ୍ଜ ଦେବା ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି।

ଏଭଳି ଘଟଣା ଘଟିଛି କଟିମାହା କ୍ଲଷ୍ଟର ଅନ୍ତର୍ଗତ ଲଦାସାହି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ। ପ୍ରଧାନଶିକ୍ଷକ ଅଶ୍ୱିନୀ କୁମାର ନାୟକ ଗୁରୁବାର ବିଦ୍ୟାଳୟକୁ ଅତ୍ୟଧିକ ମଦ୍ୟପାନ କରି ଆସି ହୋହଲ୍ଲା କରିଥିଲେ। ଖବର ପାଇ ସ୍ଥାନୀୟ ସାମ୍ବାଦିକଙ୍କ ସହ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରଦୀପ୍ତ କୁମାର ନାୟକ ଏବଂ କଟିମାହା ସିଆରସିସି ଅରବିନ୍ଦ ମହାପାତ୍ର ବିଦ୍ୟାଳୟରେ ପହଞ୍ଚିଥିଲେ। ମାତ୍ର ସେ ଆଗୁଆ ସୂଚନା ପାଇ ଅପରାହ୍ନ ପ୍ରାୟ ୨ଟାରେ ସ୍କୁଲରୁ କିଛି ଦୂରରେ ଥିବା ଦାସାଗୁଡା ଗାଁ ନିକଟରେ ନିଜ କାର୍ ପାର୍କ କରି ଶୋଇ ପଡ଼ିଥିଲେ। ତଦନ୍ତ ପାଇଁ ଆସିଥିବା ଅଧିକାରୀ ବିଦ୍ୟାଳୟରେ ଯାଞ୍ଚ ସାରି ଫେରିବା ବେଳେ ଶିକ୍ଷକଙ୍କୁ ନିଶାସକ୍ତ ଅବସ୍ଥାରେ ଦେଖି ଅନ୍ୟ ରାସ୍ତାରେ ଫେରିଯାଇଥିଲେ। କିନ୍ତୁ ସାମ୍ବାଦିକମାନେ ପ୍ରଧାନ ଶିକ୍ଷକଙ୍କ ନିକଟରେ ପହଞ୍ଚିବାରୁ ସେ ଗାଳିଗୁଲଜ ସହ ଚିତ୍କାର କରି "ମୋତେ ଏପରି ଚାକିରି ଦରକାର ନାହିଁ, ମୁଁ ନିଲମ୍ବିତ ହେବାକୁ ଚାହୁଁଛି' ବୋଲି କହିଥିଲେ। ବିଇଓ ମୋତେ ସସ୍‌ପେଣ୍ଡ କରୁନାହାନ୍ତି, ତମେମାନେ ଡିଇଓଙ୍କୁ କହି ମୋତେ ନିଲମ୍ବନ କରାଇଦିଅ ବୋଲି ଓଲଟା କହିଥିଲେ।

ସୂଚନା ଥାଉକି, ପ୍ରଧାନଶିକ୍ଷକ ପୂର୍ବରୁ ଗାର୍ଡିଙ୍ଗିଆ ବିଦ୍ୟାଳୟରେ ଥିବା ସମୟରେ ମଦ ପିଇ ସ୍କୁଲ ପିଣ୍ଡାରେ ଗଡୁଥିବା ଅଭିଯୋଗରେ ନିଲମ୍ବିତ ହୋଇଥିଲେ। ଭୁଲ୍ ସ୍ୱୀକାର କରିବା ସହ ସୁଧୁରିଯିବେ ବୋଲି ପ୍ରତିଶ୍ରୁତି ଦେବା ପରେ ତାଙ୍କୁ ପୁନଃ ନିଯୁକ୍ତି ଦିଆଯାଇ ଲଦାସାହି ସ୍କୁଲକୁ ବଦଳି କରାଯାଇଥିଲା। ହେଲେ ଗତ ଦୁଇ ମାସ ହେବ ସେ ପୁଣି ସ୍କୁଲ ସମୟରେ ମଦ୍ୟପାନ କରି ଆସୁଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ହେଉଛି।

### ଗଜପତି ମହୋତ୍ସବରେ ଅଜବ ଘଟଣା

## ରଙ୍ଗବତୀ ଗୀତ ମଝିରେ ବାଜିଲା ଜାତୀୟ ସଙ୍ଗୀତ

**ପାରଳାଖେମୁଣ୍ଡି, ୨୨।୧(ସମିସ):** ଚଳିତ ବର୍ଷ ଗଜପତି ଉତ୍ସବରେ ବ୍ୟାପକ ତ୍ରୁଟି ପରିଲକ୍ଷିତ ହୋଇଛି। ଉତ୍ସବର ଚତୁର୍ଥ ସନ୍ଧ୍ୟାରେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମବେଳେ ରଙ୍ଗବତୀ ଗୀତରେ ଦର୍ଶକ ନାଚୁଥିବାବେଳେ ହଠାତ୍ ମଝିରେ ଜାତୀୟ ସଙ୍ଗୀତ ବାଜିବାରୁ ଅଜବ ପରିସ୍ଥିତି ସୃଷ୍ଟି ହୋଇଥିଲା। ଯାହାକୁ ନେଇ ବିଭିନ୍ନ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଆଧୁନିକ ଗୀତ ମଧ୍ୟ ଭାଗରେ ଜାତୀୟ ସଙ୍ଗୀତକୁ ମିଶାଇଥିବା କୁହାଯାଉଛି। କଳାକାର ମଧ୍ୟ ଜାତୀୟ ପତାକା ଧରି ଡ୍ୟାନ୍ସ କରୁଥିଲେ। ହେଲେ ଜାତୀୟ ସଙ୍ଗୀତ ବାଜି ଉଠିବା ମାତ୍ରେ ଦର୍ଶକ ଓ ଉପସ୍ଥିତ ଅତିଥି, ସରକାରୀ ଅଧିକାରୀ ସମ୍ମାନର ସହ ଠିଆ ହୋଇପଡ଼ିଥିଲେ। ଜାତୀୟ ସଙ୍ଗୀତ ଏପରି ଉତ୍ସବର ସର୍ବ ପ୍ରଥମେ ବାଜିଥିଲେ ଭିନ୍ନ କଥା। କିନ୍ତୁ ଆଧୁନିକ ଗୀତର ତାଳେ ତାଳେ ମଧ୍ୟଭାଗରେ ଜାତୀୟ ସଙ୍ଗୀତ ବଜାଇବା ଘୋର ଅପମାନ ଏହାର ତଦନ୍ତ କରାଯାଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଦାବି ହେଉଛି।



ଏ ସମ୍ପର୍କରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବିନୋଦଚନ୍ଦ୍ର ଜେନା କହିଛନ୍ତି, ଚଳିତ ବର୍ଷ ଗଜପତି ଉତ୍ସବରେ ଅବ୍ୟବସ୍ଥା ଚରମ ସୀମାରେ ପହଞ୍ଚିଛି। ପୂର୍ବରୁ ଯେଉଁଭଳି ହେଉଥିଲା ବର୍ତ୍ତମାନ ସେମିତି ହେଉନାହିଁ। ଗଜପତି ଉତ୍ସବର ଉଦ୍ଦେଶ୍ୟ ଓ ଆଭିମୁଖ୍ୟରେ ବ୍ୟତିକ୍ରମ ଦେଖିବାକୁ ମିଳିଛି। ରାଜନଅରକୁ ସଜା ଯାଇନଥିବାବେଳେ ନୃତ୍ୟ ପରିବେଷଣ ବେଳେ ହଠାତ୍ ଜାତୀୟ ସଙ୍ଗୀତ ବାଜିବା ଠିକ୍ ନୁହେଁ। ଜାତୀୟ ସଙ୍ଗୀତ ବାଜିବା ପୂର୍ବରୁ ଜନସାଧାରଣଙ୍କୁ ଅବଗତ କରିବା କଥା। ଏହା ଜାତୀୟ ସଙ୍ଗୀତ ପ୍ରତି ଅପମାନ। ଜିଲ୍ଲା ସଂସ୍କୃତି ଅଧିକାରୀ ଏସମ୍ପର୍କରେ କହିଛନ୍ତି ଯିଏ ଜାତୀୟ ସଙ୍ଗୀତ ଗୀତ ବଜାଇଛି ତାଙ୍କୁ ପଚାର। ଜିଲ୍ଲା ସଂସ୍କୃତି ବିଭାଗ ପକ୍ଷରୁ ଗଜପତି ଉତ୍ସବ କରାଯାଉଥିବା ବେଳେ ସଂସ୍କୃତି ଅଧିକାରୀଙ୍କ ଏଭଳି ବକ୍ତବ୍ୟ ସମସ୍ତଙ୍କୁ ଚକିତ କରିଛି।

### ବିପଦସଂକୁଳ ଶ୍ରେଣୀଗୃହ

## ଗୋଟିଏ କୋଠରୀରେ ପଢୁଛନ୍ତି ୮୨ ପିଲା

**କୋଦଳା, ୨୨।୧(ସମିସ)**

ସରକାର ବିଦ୍ୟାଳୟ ଗୁଡ଼ିକର ଭିତ୍ତିଭୂମିର ବିକାଶ ଏବଂ ଛାତ୍ରଛାତ୍ରୀମାନେ କେମିତି ଭଲରେ ପାଠ ପଢ଼ିପାରିବେ ସେନେଇ ଯୋଜନା ପରେ ଯୋଜନା କରୁଛନ୍ତି। କିନ୍ତୁ ଶିକ୍ଷା ଭିତ୍ତିଭୂମିର ଅଭାବ ଯୋଗୁଁ ଆଜି ବି କିଛି ବଦ୍ୟାଳୟ ଅବହେଳିତ ଅବସ୍ଥାରେ ରହିଛି। ଆବଶ୍ୟକୀୟ ଶ୍ରେଣୀଗୃହ ନଥିବାରୁ ଛାତ୍ରଛାତ୍ରୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗଞ୍ଜାମ ଜିଲ୍ଲା କୋଦଳା ଏନ୍ଏସି ଅନ୍ତର୍ଗତ ବି ନୂଆପଲ୍ଲୀ ପ୍ରାଥମିକ ବିଦ୍ୟାଳୟରେ ଏଭଳି ଅବ୍ୟବସ୍ଥା ଦେଖିବାକୁ ମିଳିଛି।



ପିଲାମାନେ ଯେଉଁଠି ବସି ମଧ୍ୟାହ୍ନ ଭୋଜନ ଖାଉଛନ୍ତି ସେ ଗୃହଟି ବିପଦସଂକୁଳ ଅବସ୍ଥାରେ ରହିଛି। ଜରାଜୀର୍ଣ୍ଣ ଅବସ୍ଥାରେ ଦୀର୍ଘବର୍ଷ ହେବ ଶ୍ରେଣୀଗୃହ ଗୁଡ଼ିକ ରହିଥିବା ବେଳେ ଛାତ୍ରଛାତ୍ରୀମାନେ ନାହିଁ ନଥିବା ହଇରାଣ ହେଉଛନ୍ତି। ଏଠାରେ ଶିଶୁ ବାଟିକା ଠାରୁ ଆରମ୍ଭ କରି ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ୮୨ ଜଣ ଛାତ୍ରଛାତ୍ରୀ ପାଠ ପଢୁଛନ୍ତି। ହେଲେ କେବଳ ଗୋଟିଏ ପକ୍କା ଶ୍ରେଣୀଗୃହ ରହିଛି। ଯେଉଁ ଶ୍ରେଣୀଗୃହରେ ମଧ୍ୟାହ୍ନ ଭୋଜନ ଚାଉଳ ଓ ଅନ୍ୟ ସାମଗ୍ରୀ ରହୁଛି ସେ ଗୃହଟି ଅତି ପୁରୁଣା ଓ ଟିଣ ଛାଉଣୀ ପବନରେ ଉଡ଼ି ଯାଇଥିବା ବେଳେ ଛାତ୍ରଛାତ୍ରୀଙ୍କ ପାଇଁ ବିପଦ ସୃଷ୍ଟି କରୁଛି। ଉକ୍ତ ଶ୍ରେଣୀ ଗୃହକୁ ଭାଙ୍ଗି ନୂତନ ଗୃହ ନିର୍ମାଣ କରିବା ପାଇଁ ସ୍ଥାନୀୟ ଅଭିଭାବକ ମାନେ ଦାବି କରିଛନ୍ତି। ଏନେଇ ଉପରିସ୍ଥ ଅଧିକାରୀମାନଙ୍କୁ ଜଣାଇଥିବା କହିଛନ୍ତି ପ୍ରଧାନ ଶିକ୍ଷୟିତ୍ରୀ ସ୍ୱର୍ଣ୍ଣପ୍ରଭା ଶତପଥୀ। ସେପଟେ ଏନେଇ ବେଗୁନିଆପଡ଼ା ଗୋଷ୍ଠୀ ଶିକ୍ଷା ଅଧିକାରୀ ରୁଦ୍ର ନାରାୟଣ ସାହୁ କହିଛନ୍ତି ଆମ୍ଭ ପାଖରେ ଆବଶ୍ୟକୀୟ ଅର୍ଥ ରାଶି ନଥିବାରୁ ଶ୍ରେଣୀଗୃହ ନିର୍ମାଣ ପାଇଁ କୋଦଳା ଏନଏସି କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ପୂର୍ବରୁ ଚିଠି କରିଥିଲୁ। କିନ୍ତୁ କିଛି ଅଗ୍ରଗତି ହୋଇପାରିନାହିଁ, ବର୍ତ୍ତମାନ ବିପଦସଙ୍କୁଳ ଅବସ୍ଥାରେ ଥିବା ସମସ୍ତ ବିଦ୍ୟାଳୟର ଶ୍ରେଣୀଗୃହ ଗୁଡିକ ଭଙ୍ଗା ଯିବାକୁ ନିର୍ଦ୍ଦେଶ ରହିଛି। ଆମେ ଏହି ବିଦ୍ୟାଳୟର ସମସ୍ୟା ଦିଗରେ ପଦକ୍ଷେପ ନେବୁ ବୋଲି ସେ କହିଛନ୍ତି। ଏଥିପ୍ରତି ଜିଲ୍ଲା ପ୍ରଶାସନ ଓ ଶିକ୍ଷା ବିଭାଗ ପକ୍ଷରୁ ସ୍ୱତନ୍ତ୍ର ଦୃଷ୍ଟି ଦେବା ପାଇଁ ସାଧାରଣରେ ଦାବି ହୋଇଛି।

## ବିଦ୍ୟାଳୟ ପ୍ରତିଷ୍ଠା ଦିବସ

**ଜଗନ୍ନାଥପ୍ରସାଦ, ୨୨।୧(ସମିସ):** ଜଗନ୍ନାଥ ପ୍ରସାଦ ଗୋଷ୍ଠୀ ଶିକ୍ଷାଧିକାରୀ ଅଧୀନ ରାଉତି ପଞ୍ଚାୟତ ମଳିଙ୍ଗୀ ଗ୍ରାମ ସ୍ଥିତ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ପ୍ରତିଷ୍ଠା ଦିବସ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବ୍ଲକ ଉପାଧକ୍ଷ ନୀଳାଞ୍ଚଳ ଖିଲାର ଯୋଗଦେଇ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ସାଂସଦ ପ୍ରତିନିଧି ମହେନ୍ଦ୍ର କୁମାର ପଣ୍ଡା, ଥାନାଧିକାରୀ ପ୍ରମୋଦ କୁମାର ଲେଙ୍କା, ସମିତି ସଭ୍ୟା ପଙ୍କଜ ପ୍ରଧାନ, ପ୍ରଧାନ ଶିକ୍ଷୟିତ୍ରୀ ମଞ୍ଜେଶ୍ୱରୀ ପ୍ରଧାନ, ଅବସରପ୍ରାପ୍ତ ଶିକ୍ଷକ ଅକ୍ଷୟ କୁମାର ମହାପାତ୍ର, ପରିଚାଳନା କମିଟି ଅଧକ୍ଷା ଟିକି ଗୌଡ଼ ପ୍ରମୁଖ ମଞ୍ଚାସିନ ରହିଥିଲେ। ସାମ୍ବାଦିକ ଚିତ୍ତରଞ୍ଜନ ଗନ୍ତାୟତ ଏବଂ ଧବଳେଶ୍ୱର ବେହେରାଙ୍କୁ ମଞ୍ଚରେ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଶିକ୍ଷୟିତ୍ରୀ ଶୁଭଲକ୍ଷ୍ମୀ ସେଠି ପରିଚାଳନା କରିଥିବା ବେଳେ ଆଇନଜୀବୀ ଜ୍ୟୋତିରଞ୍ଜନ ପ୍ରଧାନ, ଶିକ୍ଷକ କାଳୁ ଚରଣ ପ୍ରଧାନ, ଶ୍ରୀକାନ୍ତ ନାୟକ, ସରୋଜ କୁମାର ମହାପାତ୍ର, ଶିବ ପ୍ରସାଦ ବିଶୋଇ ପ୍ରମୁଖ ସହଯୋଗ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ସୁଶ୍ରୀ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ଦେବଭୂମି ବିଦ୍ୟାଳୟରେ ପିଏମଶ୍ରୀ ଉତ୍ସବ

**ଆସିକା, ୨୨।୧(ସମିସ):** ଆସିକା ବ୍ଲକ ଦେବଭୂମି ଉଚ୍ଚ ବିଦ୍ୟାଳୟ ପରିସରରେ ପିଏମଶ୍ରୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଲବ ସେଠୀଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କେନ୍ଦୁପଦର କଲେଜ ଅଧକ୍ଷ ଅମର ପ୍ରସାଦ ବିଷୋୟୀ, ବିଇଓ ମୁନୁରାଣୀ ମହାନ୍ତି, ଡାକ୍ତର ତପନ କୁମାର ମଲ୍ଲ, ଏବିଇଓ ବିଭୁ ନନ୍ଦନ ପଣ୍ଡା, ଦେବଭୂମି ସରପଞ୍ଚ ଅଶାନ୍ତି ବେହେରା, ସମିତି ସଭ୍ୟ ଲକ୍ଷ୍ମୀ ବେହେରା, ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ଗୌରହରି ବେହେରା, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଉପେନ୍ଦ୍ର ନାଥ ମୁନି ପ୍ରମୁଖ ଉପସ୍ଥିତ ଥିଲେ। ବିଦ୍ୟାର୍ଥୀ ମାନେ ଶୃଙ୍ଖଳିତ, ଗୁରୁ ଭକ୍ତି, ଭବିଷ୍ୟତ ପାଇଁ ସ୍ୱପ୍ନ ଦେଖିବା ଦ୍ୱାରା ଆଗକୁ ବଢ଼ି ପାରିବ ବୋଲି ଅତିଥି ମାନେ ମତ ରଖିଥିଲେ।

## ଦିବ୍ୟ ଜୀବନ ସଂଘର ସତସଂଗ କାର୍ଯ୍ୟକ୍ରମ

**ଧରାକୋଟ, ୨୨।୧(ସମିସ):** ଧରାକୋଟ ନିକଟସ୍ଥ ମୁଣ୍ଡମରାଇ ଦିବ୍ୟ ଜୀବନ ସଂଘ ଶାଖା ପରିସରରେ ଏକ ଦିବ୍ୟ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଅଞ୍ଚଳର ଶତାଧିକ ଆଧ୍ୟାତ୍ମିକ ପ୍ରେମୀ ପୁରୁଷ, ମହିଳା ଓ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଆଧ୍ୟାତ୍ମିକ ପ୍ରବଚକ ଶ୍ରୀଧର ଦାସ ଯୋଗ ଦେଇ ସ୍ୱାମୀ ଶିବାନନ୍ଦ ସରସ୍ୱତୀଙ୍କ ଦିବ୍ୟ ଜୀବନ ବାଣୀ ଆଜିର ସମାଜ ପାଇଁ ପ୍ରେରଣାର ଉତ୍ସହୋଇ ଅନେକ ମଣିଷ ହୃଦୟରେ ପରିବର୍ତ୍ତନ ଆଣୁଛି ବୋଲି ଦୃଷ୍ଟାନ୍ତର ସହିତ ଉପସ୍ଥାପନ କରିଥିଲେ। ସଂଘର ସଭାପତି ତ୍ରିନାଥ ପାତ୍ର, ଗଣେଶଚନ୍ଦ୍ର ପାତ୍ର, ଧରାକୋଟ ସତ୍ୟ ସାଇ ସେବା ସମିତିର ସଦସ୍ୟ ଗଗନ ବିହାରୀ ସ୍ୱାଇଁ, ଶିବ ପ୍ରସାଦ ମହାନ୍ତି, ଅବସରପ୍ରାପ୍ତ ପୁଲିସ କର୍ମଚାରୀ ତଥା ଆଧ୍ୟାତ୍ମିକ ସଂଗଠକ ପଦ୍ମଚରଣ ବାରିକ ପ୍ରମୁଖ ଉପସ୍ଥିତ ରହିଥିଲେ। ଦିବ୍ୟ ଜୀବନ ସଂଘର ସଂଯୋଜକ ନାଗେଶ୍ୱର ରାଓ ପାତ୍ର ପରିଚାଳନା କରିଥିଲେ।

## ତୁଳୁଛକ ପାଲଟିଛି ଚୋରା ଦେଶୀ ଓ ବିଦେଶୀ ମଦ ହବ୍

**ରଙ୍ଗେଇଲୁଣ୍ଡା, ୨୨।୧(ସମିସ):** ଗୋଳନ୍ଥରା ଥାନା ଅଧିନସ୍ଥ ତୁଳୁଛକ ଅଞ୍ଚଳ ଚୋରା ଦେଶୀ ଓ ବିଦେଶୀ ମଦର ହବ୍ ପାଲଟିଛି। ପୁଲିସ ଓ ଅବକାରୀ ବିଭାଗ ସବୁ ଜାଣି ନିରବଦ୍ରଷ୍ଟ ସାଜିଛି। ଭୋରରୁ ବିଳମ୍ବିତ ରାତି ଯାଏ ଏଠି ନକଲି ବିଦେଶୀ ଓ ଦେଶୀ ମଦ ବେଧଡ଼କ ଭାବେ ବିଭିନ୍ନ ଦୋକାନରେ ଖୋଲାଖୋଲି ବିକ୍ରି ହେଉଛି। ନିଶାଡ଼ିମାନେ ମଦ୍ୟପାନ କରି ବିଭିନ୍ନ ସମୟରେ ଉତ୍ପାତ କରୁଛନ୍ତି। ଫଳରେ ଏହି ରାସ୍ତା ଦେଇ ଯିବାକୁ ମହିଳା ଓ ସାଧାରଣ ଜନତା ସୁରକ୍ଷିତ ମଣୁନାହାନ୍ତି। ପୁଲିସ ଏବଂ ଅବକାରୀ ବିଭାଗ ପାଖରେ ସବୁ ଚୋରାମଦ ଦୋକାନୀଙ୍କ ସୂଚନା ଥାଇ ମଧ୍ୟ କାହିଁକି କାର୍ଯ୍ୟାନୁଷ୍ଠାନ ନେଉନାହାନ୍ତି ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ପୁଲିସ ଓ ଅବକାରୀ ବିଭାଗର ଅହେତୁକ ନିରବତା ଯୋଗୁଁ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

ସବୁଠାରୁ ବଡ଼ କଥା ହେଲା ବ୍ୟବସୟୀମାନେ କେଉଁଠାରୁ ଏହି ନକଲି ବିଦେଶୀ ମଦ ଆଣୁଛନ୍ତି କିଏ ଯୋଗାଉଛି ତାହା ଏବେ ବଡ଼ ପ୍ରଶ୍ନବାଚୀ। ଉକ୍ତ ରାସ୍ତା ଦେଇ ପ୍ରତିଦିନ ବିଦ୍ୟାଳୟ, କଲେଜ ଛାତ୍ରଛାତ୍ରୀ ଓ ବରିଷ୍ଠ ନାଗରିକ ଯାତାୟାତ ବେଳେ ନିଶାଖୋର ଯୁବକଙ୍କ କମେଣ୍ଟ ଓ ଆକ୍ରୋଶର ଶିକାର ହେଉଛନ୍ତି। ହୋହାଲ୍ଲା ହେଲେ ପୁଲିସ ଓ ଅବକାରୀ ବିଭାଗ ପକ୍ଷରୁ ଲୋକଦେଖାଣିଆ ଭାବେ ମଦ ବେପାରୀଙ୍କ ସଲାସୁତୁରାରେ କିଛି ଅଞ୍ଚଳରେ ଚଢ଼ଉ କରି ସରକାରୀ ଟାର୍ଗେଟ ପୂରଣ କରିବାକୁ କିଛି ବ୍ୟବସାୟୀଙ୍କ ଗିରଫ କରି ୨ରୁ ୪ ଲିଟର ମଦ ଜବତ ଦର୍ଶାଇ କୋର୍ଟ ଚାଲାଣ କରୁଛି। ଫଳରେ ପରବର୍ତ୍ତୀ ସମୟରେ ସେମାନେ ଜେଲ୍ ନ ଯାଇ କୋର୍ଟରୁ ଜାମିନ ପାଇ ପୁଣି ବେପାର ଚଳାଉଛନ୍ତି। ଆଗାମୀ ଦିନରେ ଯଦି ଏଭଳି ବେଆଇନ ନକଲି ବିଷାକ୍ତ ମଦ କାରବାର ଉପରେ ପ୍ରଶାସନ ପକ୍ଷରୁ ରୋକ ନ ଲଗାଯାଏ ମଦ ମୃତ୍ୟୁ ଘଟିବା ଆଶଙ୍କାକୁ ଏଡ଼ାଇ ଦିଆଯାଇ ନପାରେ ବୋଲି ବୃଦ୍ଧିଜୀବୀ ମାନେ ମତବ୍ୟକ୍ତ କରିଛନ୍ତି। ଏନେଇ ଗୋଳନ୍ଥରା ଅବକାରୀ ବିଭାଗ ଅଧିକାରୀ ସୁବ୍ରତ ସେଠୀଙ୍କୁ ଯୋଗାଯୋଗ କରାଯାଇଥିଲେ ସୁଦ୍ଧା ସେ ଫୋନ୍ ନଉଠାଇବାରୁ ମତାମତ ନିଆଯାଇପାରିନାହିଁ।

- ସବୁଜାଣି ଅବକାରୀ ଓ ପୁଲିସ ନିରବ
- ଅପମିଶ୍ରିତ ଓ ନକଲି ମଦ ବିକ୍ରି ଅଭିଯୋଗ

## ରାଗିଡିରେ ପଞ୍ଚାୟତସ୍ତରୀୟ ସମନ୍ୱୟ ମେଳା

**ଗୁମ୍ମା, ୨୨।୧(ସମିସ):** ଗୁମ୍ମା ବ୍ଲକ ରାଗିଡି ପଞ୍ଚାୟତରେ ଗ୍ରାମ ବିକାଶ ଓ ସମନ୍ୱିତ ମହିଳା ଓ ଶିଶୁ ବିକାଶ ପ୍ରକଳ୍ପ ଆନୁକୂଲ୍ୟରେ ସମନ୍ୱୟ ମେଳା ଅନୁଷ୍ଠିତ ହୋଇଥିଲା। ମେଳା ମୁଖ୍ୟ କରି ଗ୍ରାମୀଣ ମହିଳାଙ୍କ ସଶକ୍ତିକରଣ ଓ ଶିଶୁଙ୍କ ସୁରକ୍ଷା ପାଇଁ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଗୁମ୍ମା ବିଡ଼ିଓ ଦୁଲାରାମ ମାରାଣ୍ଡି ଯୋଗଦେଇ ମହିଳାମାନେ କିଭଳି ଆର୍ଥିକ ସ୍ୱାବଲମ୍ବୀ ହୋଇ ଗୃହ ସହିତ ଗ୍ରାମର ଉନ୍ନତିରେ ସହାୟକ ହୋଇପାରିବେ ସେ ସମ୍ପର୍କରେ କହିଥିଲେ। ଅତିଥି ଭାବେ ସିଡିପିଓ ପୁଷ୍ପାଞ୍ଜଳି ସାହୁ ଯୋଗଦେଇ ମା’ ଓ ଶିଶୁଙ୍କ ପୃଷ୍ଟିସାଧନ ତଥା ସରକାରୀ ଯୋଜନାର ସଫଳ ରୂପାୟନ ଉପରେ ଗୁରୁତ୍ୱାରୋପ କରିଥିଲେ। ଗ୍ରାମ ବିକାଶର ପରିଚାରକ ରତନ କୁମାର ପଟ୍ଟନାୟକ ଏବଂ



ସମାଜସେବୀ ରଜନୀକାନ୍ତ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଗୌରୀଶଙ୍କର ଓ ସନ୍ତୋଷ କୁମାର ଗ୍ରାମବାସୀଙ୍କୁ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମ ସମ୍ପର୍କରେ ଅବଗତ କରାଇଥିଲେ। ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ଅନ୍ୟାନ୍ୟ କର୍ମଚାରୀ ମଧ୍ୟ ଉପସ୍ଥିତ ରହି ମହିଳାଙ୍କୁ ଆତ୍ମନିର୍ଭରଶୀଳ ହେବା ପାଇଁ ବୈଷୟିକ ଓ ମାନସିକ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଗ୍ରାମବାସୀ ଅଂଶଗ୍ରହଣ କରି ସହଯୋଗ କରିଥିଲେ। ଏହି ଅଭିଯାନ ଆଗାମୀ ଦିନରେ ରାଗିଡି ପଞ୍ଚାୟତକୁ ଏକ ଆଦର୍ଶ ପଞ୍ଚାୟତ ଭାବେ ଗଢ଼ି ତୋଳିବାରେ ସହାୟକ ହେବ ବୋଲି ପ୍ରଶାସନ ପକ୍ଷରୁ ଆଶା ପ୍ରକାଶ କରାଯାଇଛି।

## ମେଧାବୃତ୍ତି ପରୀକ୍ଷାରେ ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା



**ଧରାକୋଟ, ୨୨।୧(ସମିସ):** ଧରାକୋଟ ବ୍ଲକର ସରଧାପୁର କ୍ଲଷ୍ଟରର କୁସରାବ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ତିନି ଜଣ ଛାତ୍ରଛାତ୍ରୀ ମେଧା ବୃତ୍ତି ପରୀକ୍ଷାରେ କୃତିତ୍ୱ ଅର୍ଜନ କରିଥିବା ବେଳେ ପଞ୍ଚମ ଶ୍ରେଣୀର ଛାତ୍ରୀ ଇପ୍ସିତା ଡାକୁଆ ବ୍ଲକ ସ୍ତରରେ ଟପ୍ପର ହୋଇଛନ୍ତି। ସେହିପରି ପଞ୍ଚମ ଶ୍ରେଣୀର ଦେବାଶିଷ ପାଣି ଓ ତୃତୀୟ ଶ୍ରେଣୀର ପ୍ରଗତି ପଟନାୟକ ଯଥାକ୍ରମେ ସପ୍ତମ ଓ ଅଷ୍ଟମ ସ୍ଥାନ ଅଧିକାର କରି ବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି। ଏହି ଅବସରରେ ସିଆରସିସି କିରଣବାଳା ନାୟକଙ୍କ ପୌରୋହିତ୍ୟରେ ଏକ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଶିକ୍ଷକ ରମେଶ ଚନ୍ଦ୍ର ବେହେରା, ବିଚିତ୍ରାନନ୍ଦ ପୋଲେଇ, ସଞ୍ଜୟ କୁମାର ଡାକୁଆ, ରାଜକୁମାରୀ ନାୟକ, ଶ୍ୱେତପଦ୍ମା ବେହେରା ପ୍ରମୁଖଙ୍କ ଉପସ୍ଥିତିରେ ଛାତ୍ରଛାତ୍ରୀ ମାନଙ୍କୁ ବିଦ୍ୟାଳୟ ସମ୍ବର୍ଦ୍ଧିତ କରାଯାଇଥିଲା।

## ରାସ୍ତାକଡ଼ରୁ ଜବରଦଖଲ ଉଚ୍ଛେଦ



**ଦାରିଙ୍ଗବାଡି, ୨୨।୧(ସମିସ):** କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡି ଚାରିଛକ ଠାରୁ ତିନି ଛକ ପର୍ଯ୍ୟନ୍ତ ରାସ୍ତା କଡରେ ହୋଇଥିବା ଜବରଦଖଲକୁ ଉଚ୍ଛେଦ କଲା ପ୍ରଶାସନ। ଦାରିଙ୍ଗବାଡି ବିଡ଼ିଓ ପ୍ରୀତି ରଞ୍ଜନ ରଥ, ତହସିଲଦାର ଧୀରଜ ପାତ୍ର, ଥାନା ଅଧିକାରୀ ସଂଗ୍ରାମ ଜେନାଙ୍କ ଉପସ୍ଥିତି କ୍ରମେ ଜେସିବିରେ ଜବର ଦଖଲ ଉଚ୍ଛେଦ କରାଯାଇଥିଲା। କିଛି ଲୋକ ନିଜେ ହଟିଯାଇଥିବା ବେଳେ ଆଉ କିଛି କରିନଥିଲେ। ସେମାନଙ୍କ ଜବରଦଖଲ ଉଚ୍ଛେଦ କରାଯାଇଥିଲା। ପ୍ରଭାବିତ ଲୋକଙ୍କୁ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଥଇଥାନ ବ୍ୟବସ୍ଥା କରାଯାଇଥିବା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି।

## ସ୍ୱାସ୍ଥ୍ୟ ଶିବିର ନିମନ୍ତେ ପ୍ରସ୍ତୁତି ବୈଠକ

**ଛତ୍ରପୁର, ୨୨।୧(ସମିସ):** କାଳିପଲ୍ଲୀ ପଞ୍ଚାୟତ କାର୍ଯ୍ୟାଳୟରେ ଟାଟା ଫାଉଣ୍ଡେସନ, ସ୍ୱାସ୍ଥ୍ୟ ବିଭାଗ ଏବଂ ପଞ୍ଚାୟତରାଜ ବିଭାଗର ମିଳିତ ଆନୁକୂଲ୍ୟରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇସାରିଛି। ଗୁରୁବାର ଅସ୍ଥିଶଲ୍ୟ, ମେଡ଼ିସିନ, ଏବଂ ସ୍ତ୍ରୀ ରୋଗ ବିଶେଷଜ୍ଞ ଡାକ୍ତରଙ୍କ ଉପସ୍ଥିତିରେ ଅନୁଷ୍ଠିତ ହେବ ସ୍ୱାସ୍ଥ୍ୟ ଶିବିର। ଡା ସ୍ୱାଧୀନ ରଥଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ବୈଠକରେ ସ୍ୱାସ୍ଥ୍ୟଗତ ଆଲୋଚନା କରାଯାଇଥିଲା। ବୈଠକରେ ସରପଞ୍ଚ ବି. ଲକ୍ଷ୍ମୀ ପାତ୍ର ସହ ଡା ଗାୟତ୍ରୀ ପାଣିଗ୍ରାହୀ, ନରସିଂହ ସାହୁ, ଏସ. ନାଗାରାଜୁ ରେଡ୍ଡୀ, ସ୍ୱାଗତିକା ମାଝୀ(ଗୋଷ୍ଠି ସ୍ୱାସ୍ଥ୍ୟ ଅଧିକାରୀ କାଳିପଲ୍ଲୀ), ତାରା ପଣ୍ଡା (ଏଏନଏମ), ସସ୍ମିତା ଜେନା (ଏଏନଏମ୍) ଏବଂ ତତ୍ ସହିତ ସମସ୍ତ ଆଶା କର୍ମୀ ଏବଂ ଅଙ୍ଗନବାଡ଼ି କର୍ମୀ ଉପସ୍ଥିତ ଥିଲେ। ବୈଠକରେ କେମିତି ଆଗାମୀ ଦିନରେ ଉତ୍ତମ ସ୍ୱାସ୍ଥ୍ୟ ବ୍ୟବସ୍ଥା କାଳିପଲ୍ଲୀ ଅଞ୍ଚଳରେ ଯୋଗାଇ ଦିଆଯାଇପାରିବ ଏବଂ ଲୋକଙ୍କ ମନରେ ଥିବା ଭ୍ରାନ୍ତ ଧାରଣା ତଥା ବୈବାହିକ ପରିବର୍ତ୍ତନ, ଖାଦ୍ୟପେୟର ପ୍ରକୃତି ସାରଣୀ ଏହି ସବୁ ବିଷୟରେ ଆଲୋଚନା ପୂର୍ବକ ତାଙ୍କୁ ସମସ୍ତ ପୁସ୍ତିକା ବଣ୍ଟନ କରିବା ନିମନ୍ତେ ମଧ୍ୟ ସ୍ଥିର କରାଗଲା।

## ଏସୀୟ ଜଳଚର ପକ୍ଷୀ ଗଣନା କାର୍ଯ୍ୟକ୍ରମ



**ଗଞ୍ଜାମ, ୨୨।୧(ସମିସ):** ଓଡ଼ିଶା ଜୈବ ବିଭିଧତା ବୋର୍ଡ ତରଫରୁ ଗଞ୍ଜାମ ଜିଲ୍ଲା ଋଷିକୁଲ୍ୟା ମୁହାଁଣର ପାଳିବନ୍ଧ, ରାମଗଡ଼ ଓ ଅଗସ୍ତି ନୂଆଗାଁ ପ୍ରମୁଖ ପଞ୍ଚାୟତ ଅଞ୍ଚଳରେ ଏସିୟ ଜଳଚର ପକ୍ଷୀ ଗଣନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୩୮ ପ୍ରଜାତିର ଜଳଚର ପକ୍ଷୀ ଦେଖାଯାଇଥିଲା। ସେଥି ମଧ୍ୟରେ -ବାର୍ ହେଜେଜ ଗୁଜ, କସ୍ପିଆନ ଟରନ, ସ୍ୱାଣ୍ଡ ପ୍ଲୋଭର, ଉଡ଼ ସ୍ୱାଣ୍ଡ ପାଇପର ସହ ଅନ୍ୟାନ୍ୟ ପକ୍ଷୀ ଦେଖିବାକୁ ମିଳିଥିଲା। କାର୍ଯ୍ୟକ୍ରମରେ ଓଡ଼ିଶା ଜୈବ ବିଭିଧତା ବୋର୍ଡର ପ୍ରାଣୀ ଗବେଷକ ଭବାନି ଶଙ୍କର ମହାପାତ୍ର ଓ ସୁରେଶ କୁମାର ବେହେରା ଯୋଗଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମ ବ୍ରହ୍ମପୁର ବନଖଣ୍ଡ ଓ ଋଷିକୁଲ୍ୟା ସୁରକ୍ଷା ସମିତିର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଥିଲା। ବନପାଳ ଡି. ପ୍ରଶାନ୍ତ ରାଓଙ୍କ ତତ୍ତ୍ୱାବଧାନରେ ଏକ ସଭା ଆୟୋଜିତ ହୋଇଥିଲା। ଋଷିକୁଲ୍ୟା ସମୁଦ୍ର କଇଁଚ ସୁରକ୍ଷା ସମିତି ସମ୍ପାଦକ ରବୀନ୍ଦ୍ର ନାଥ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

### ନିର୍ମାଣ ପରଠୁ ଅଚଳ ବିଏସ୍ଏନ୍ଏଲ୍ ଟାୱାର

## ଡିଜିଟାଲ୍ ଇଣ୍ଡିଆ ଯୁଗରେ ମିଳୁନି ମୋବାଇଲ ସେବା

**ଟିକାବାଲି, ୨୨।୧(ସମିସ)**

ସାରା ଦେଶ ଯେତେବେଳେ ‘୫-ଜି’ ସେବା ଅତିକ୍ରମ କରି ‘୬-ଜି’ ଆଡ଼କୁ ମୁହାଁଉଛି ସେତେବେଳେ କନ୍ଧମାଳ ଜିଲ୍ଲାର ଏକ ଉପାନ୍ତ ଅଞ୍ଚଳରେ ମୋବାଇଲ୍ ନେଟୱାର୍କ ପାଇଁ ଲୋକେ ନାହିଁ ନଥିବା ହୀନସ୍ତା ସମ୍ମୁଖୀନ ହେଉଛନ୍ତି। ଟିକାବାଲି ବ୍ଲକ ଅନ୍ତର୍ଗତ ଗାର୍ଡିଙ୍ଗିଆ ପଞ୍ଚାୟତର ଗିରୁଟି ଗାଁରେ ଥିବା ବିଏସଏନଏଲ ଟାୱାର ତିନି ବର୍ଷରୁ ଅଧିକ ହେବ ଅଚଳ। ଯୋଗାଯୋଗ ବିଚ୍ଛିନ୍ନ ହୋଇ ସ୍ଥାନୀୟ ଅଞ୍ଚଳରେ ‘ଡିଜିଟାଲ୍ ଅନ୍ଧକାର’ ସୃଷ୍ଟି ହୋଇଛି।




ସୂଚନା ଅନୁଯାୟୀ, ଗିରୁଟି ଗାଁ ସ୍କୁଲ ନିକଟରେ ନିର୍ମାଣ ହୋଇଛି ବିଏସ୍ଏନ୍ଏଲ୍ ଟାୱାର। ନିର୍ମାଣ ଓ କାର୍ଯ୍ୟକ୍ଷମର କିଛିଦିନ ପରେ ଟାୱାର ଉପରେ ବଜ୍ରପାତ ହୋଇଥିଲା। ସେହିଦିନ ଠାରୁ ଟାୱାର ଅଚଳ। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ତିନି ବର୍ଷ ବିତିଯାଇଥିଲେ ମଧ୍ୟ ନା ବିଭାଗୀୟ କର୍ତ୍ତୃପକ୍ଷ ନା ସରକାର ଏହି ସମସ୍ୟା ପ୍ରତି ଦୃଷ୍ଟି ଦେଉନାହାନ୍ତି। ନେଟୱାର୍କ ନଥିବା ଯୋଗୁଁ ସବୁଠାରୁ ଅଧିକ ପ୍ରଭାବିତ ହେଉଛି ଜରୁରୀକାଳୀନ ସେବା। ଗାଁରେ କାହାର ଦେହ ଖରାପ ହେଲେ କିମ୍ବା ଅଗ୍ନିକାଣ୍ଡ କିମ୍ବା ପୁଲିସ ସହାୟତା ପାଇଁ ବହୁ ଦୂର ଯାଇ ଫୋନ୍ କରିବାକୁ ପଡୁଛି। ଏହାବ୍ୟତୀତ ଛାତ୍ରଛାତ୍ରୀ ଅନଲାଇନ୍ ପାଠପଢ଼ା ଏବଂ ସରକାରୀ ଯୋଜନାର ଅନଲାଇନ୍ ସୁବିଧାରୁ ମଧ୍ୟ ବଞ୍ଚିତ ହେଉଛନ୍ତି। ଆଗାମୀ ଦିନରେ ଏହି ସମସ୍ୟାର ସମାଧାନ ନ ହେଲେ ଅଞ୍ଚଳବାସୀ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବେ ବୋଲି ଚେତାବନୀ ଦେଇଛନ୍ତି। ତୁରନ୍ତ ଏହି ଟାୱାର ମରାମତି କରାଯାଇ ଗିରୁଟି ଏବଂ ଆଖପାଖ ଅଞ୍ଚଳକୁ ମୋବାଇଲ୍ ସେବା ଯୋଗାଇ ଦେବାକୁ ଗାର୍ଡିଙ୍ଗିଆ ପଞ୍ଚାୟତବାସୀ ଜିଲ୍ଲା ପ୍ରଶାସନ ଓ ବିଏସଏନଏଲ କର୍ତ୍ତୃପକ୍ଷଙ୍କ ନିକଟରେ ଦାବି କରିଛନ୍ତି।

### ସହକାରୀ ଶିକ୍ଷକ ଲଗାମଛଡ଼ା

## ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କଲେ ସରପଞ୍ଚ

**ଫିରିଙ୍ଗିଆ, ୨୨।୧(ସମିସ):** ଫିରିଙ୍ଗିଆ ବ୍ଲକ ଟଣାସୁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଲାଗି ରହିଥିବା ସମସ୍ୟା ଥମିବାର ନା ଧରୁନି। କିଛିଦିନ ପୂର୍ବେ ବିଦ୍ୟାଳୟ ପ୍ରଧାନଶିକ୍ଷକଙ୍କ ଅନିୟମିତତା ଖବର ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇସାରିଥିବା ବେଳେ ବର୍ତ୍ତମାନ ଉକ୍ତ ବିଦ୍ୟାଳୟରେ ଟିଟୁ ଦିଗାଲ ନାମକ ଜଣେ କାର୍ଯ୍ୟରତ ସହକାରୀ ଶିକ୍ଷକଙ୍କ ନାଁରେ ଗୁରୁତର ଅଭିଯୋଗ ଆଣିଛନ୍ତି ସ୍ଥାନୀୟ ସରପଞ୍ଚଙ୍କ ସହ ବିଦ୍ୟାଳୟ ପରିଚାଳନା କମିଟି ସଭାପତି, ସମ୍ପାଦକ, କମିଟି ସଦସ୍ୟ ଓ ଅଭିଭାବକ। ସରପଞ୍ଚ ରୋହିତ କହଁର ସମ୍ପୃକ୍ତ ଶିକ୍ଷକଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ ପତ୍ର ପ୍ରଦାନ କରିଛନ୍ତି।



ସହକାରୀ ଶିକ୍ଷକ ଜଣକ ବିଦ୍ୟାଳୟରେ ପାଠ ପଢ଼ାଇବା ବଦଳରେ ପ୍ରଧାନଶିକ୍ଷକଙ୍କ ସହ ଅନ୍ୟ ଶିକ୍ଷକଙ୍କୁ ଗାଳିଗୁଲଜ ଓ ଛାତ୍ରଛାତ୍ରୀଙ୍କୁ ଅଶାଳୀନ ବ୍ୟବହାର କରି ଆସୁଛନ୍ତି। କୌଣସି କାର୍ଯ୍ୟ ନକରି ଲଗାମଛଡା ହେଉଛନ୍ତି। ସମ୍ପୃକ୍ତ ଶିକ୍ଷକଙ୍କ ଏଭଳି ବ୍ୟବହାର ପାଇଁ ବିଦ୍ୟାଳୟରେ ପାଠପଢ଼ା ବ୍ୟାଘାତ ସହ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଉପରେ ପ୍ରଭାବ ପଡୁଥିବା ସରପଞ୍ଚ ଅଭିଯୋଗ କରିଛନ୍ତି। ସମ୍ପୃକ୍ତ ଶିକ୍ଷକ ଜଣକ ଆଗରୁ ତାଙ୍କର ଏଭଳି କାର୍ଯ୍ୟ ପାଇଁ ନିଲମ୍ବିତ ମଧ୍ୟ ହୋଇଥିଲେ। ସମ୍ପୃକ୍ତ ଶିକ୍ଷକଙ୍କ ବାରମ୍ବାର ଏଭଳି ଅଶାଳୀନ ବ୍ୟବହାରରେ ଅତିଷ୍ଠ ହୋଇ ବିଦ୍ୟାଳୟ ପରିଚାଳନା କମିଟି ସଭାପତି, ସମ୍ପାଦକ ଓ ଅଭିଭାବକ ସରପଞ୍ଚଙ୍କୁ ଲିଖିତ ଭାବରେ ଜଣାଇଥିଲେ। ଗୁରୁବାର ସରପଞ୍ଚ ରୋହିତ କହଁର ଜିଲ୍ଲାପାଳଙ୍କୁ ଭେଟି ସମ୍ପୃକ୍ତ ଶିକ୍ଷକଙ୍କ ବିରୋଧରେ ଲିଖିତ ଭାବରେ ଜଣାଇଛନ୍ତି। ସମ୍ପୃକ୍ତ ଶିକ୍ଷକଙ୍କୁ ଅନ୍ୟତ୍ର ବଦଳି କିମ୍ବା ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଗଲେ ଆନ୍ଦୋଳନ ହେବ ବୋଲି ସରପଞ୍ଚଙ୍କ ସହ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସୌମ୍ୟରଞ୍ଜନ ଦିଗାଲ, ଜୟ କହଁର, ରାଷ୍ଟ୍ରପତି କହଁର, ସୁଶାନ୍ତ କହଁର, ସୁଦାମ କହଁରଙ୍କ ସହ ଗ୍ରାମବାସୀ କହିଛନ୍ତି। ଏସମ୍ପର୍କରେ ଫିରିଙ୍ଗିଆ ଗୋଷ୍ଠୀ ଶିକ୍ଷା ଅଧିକାରୀ ଆଲୋକ କୁମାର ପ୍ରଧାନଙ୍କୁ ପଚାରିବାରୁ ଜିଲ୍ଲାପାଳ ନିର୍ଦ୍ଦେଶ ହେଲେ ତଦନ୍ତ କରାଯିବ। ଅଭିଯୋଗ ସତ ପ୍ରମାଣିତ ହେଲେ ନିଶ୍ଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

